ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଗୁରୁବାର ୨୦ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 June 2024
Vol.No. 35 ■ No.164 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସକୁ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ, ୧୯/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପରେ ଏହା ହେଉଛି ନରେନ୍ଦ୍ର ମୋଦୀଙ୍କର ରାଜ୍ୟକୁ ପ୍ରଥମ ଗସ୍ତ। ଏହାପୂର୍ବରୁ ସେ ବିହାରର ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଭଗ୍ନାବଶେଷ ପରିଦର୍ଶନ କରିଥିଲେ। ୨୦୧୬ ମସିହାରେ ଏହି ଧ୍ୱଂସାବଶେଷକୁ ପର୍ଯ୍ୟଟନସ୍ଥଳ ଭାବରେ ଘୋଷଣା କରାଯାଇଥିଲା। ଏହାର ଅତୀତ ସହିତ ଭାରତର ସମ୍ପର୍କକୁ ଅନୁଧ୍ୟାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଳନ୍ଦା ବିଶ୍ୱବିଦ୍ୟାଳୟର ଉଦଘାଟନ ପୂର୍ବରୁ ବୁଧବାର କହିଛନ୍ତି ଯେ ଯୁବକମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ଏହା ପୂରଣ କରିବ। ଏକ ଏକ୍ସ ପୋଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ଏହା ଆମ ଶିକ୍ଷା କ୍ଷେତ୍ର ପାଇଁ ଏକ ବିଶେଷ ଦିନ। ଆଜି ସକାଳ ପ୍ରାୟ ୧୦.୩୦ ବେଳକୁ ରାଜଗିରରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ଉଦ୍‌ଘାଟିତ ହେବ। ଆମର ଗୌରବମୟ ଅଂଶ ସହିତ ନାଳନ୍ଦାର ଏକ ଦୃଢ଼ ସଂଯୋଗ ରହିଛି।" ଏହି ପୋଷ୍ଟ ମୋଦୀ ଉଦ୍‌ଘାଟନ ପୂର୍ବରୁ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଅରବିନ୍ଦ ପାନାଗରିଆ ଯୋଗ ଦେଇଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଭୁଟାନ, ବ୍ରୁନେଇ, ଦାରୁସଲାମ, କାମ୍ବୋଡିଆ, ଚୀନ୍, ଇଣ୍ଡୋନେସିଆ, ଲାଓସ୍, ମରିସସ୍, ମିଆଁମାର, ନ୍ୟୁଜିଲ୍ୟାଣ୍ଡ, ପର୍ତ୍ତୁଗାଲ, ସିଙ୍ଗାପୁର, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ଏବଂ ଭିଏତନାମ ସମେତ ସମୁଦାୟ ୧୭ ଟି ଦେଶରୁ ବିଦେଶୀ ଦୂତମାନେ ମଧ୍ୟ ଇଭେଣ୍ଟରେ ଉପସ୍ଥିତ ଥିଲେ।

## ଆଜିଠୁ ୪ ଘଣ୍ଟା କୋହଳ କର୍ଫ୍ୟୁ



ବାଲେଶ୍ୱର, ୧୯/୬ (ନି.ପ୍ର): ଆସନ୍ତାକାଲିଠୁ କର୍ଫ୍ୟୁ କୋହଳ ପାଇଁ ନିଷ୍ପତ୍ତି ନେଇଛି ପ୍ରଶାସନ। ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲି ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କେବଳ ୪ ଘଣ୍ଟା ପାଇଁ ଦୋକାନ ବଜାର ଖୋଲା ରହିବା ସହିତ ଲିଜ୍ ଲାଇନରେ ଇଣ୍ଟରନେଟ୍ ସେବା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ମୋବାଇଲ୍ ନେଟୱର୍କରେ ଇଣ୍ଟରନେଟ ସୁବିଧା ମିଳିବ ନାହିଁ। ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଏସପି ସାଗରିକା ନାଥ, ଜିଲ୍ଲାପାଳ ଆଶିଷ ଠାକରେ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଘର୍ଷକୁ ପ୍ରତିହତ ପାଇଁ ବାଲେଶ୍ୱର ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ସତ କିନ୍ତୁ ଦୁର୍ବିସହ ହୋଇପଡ଼ିଛି ଜନ ଜୀବନ। ଆଜିକୁ ୩ ଦିନ ହୋଇଗଲା କର୍ଫ୍ୟୁ କବଳରେ ସାରା ସହର। ବିଚ୍ଛିନ୍ନ ହୋଇଯାଇଛି ଇଣ୍ଟରନେଟ୍। ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଲୋକେ ନାକେଦମ୍ ହେଉଥିବାବେଳେ ଅନଲାଇନ କ୍ଲାସରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ। ସହରରେ ଧିରି ଧିରେ ଶାନ୍ତି ▶▶ପୃଷ୍ଠା ୭

## ରତ୍ନଭଣ୍ଡାର ଖୋଲାଯିବା ଘଟଣାରେ ନୂଆ ଟ୍ୱିଷ୍ଟ: ମନ୍ତ୍ରୀ କହିଲେ- ଖୋଲିବା ନେଇ ନିଷ୍ପତ୍ତି ହୋଇନି



ପୁରୀ, ୧୯/୬ (ନି.ପ୍ର): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଆସନ୍ତା ୮ ତାରିଖରେ ଖୋଲାଯିବ ବୋଲି ମଧ୍ୟାହ୍ନ ସମୟରେ ଏଏସ୍ଆଇର ଜଣେ ଅଧିକାରୀ କହିଥିଲେ। ଏହାକୁ ନେଇ ପୂରା ରାଜ୍ୟରେ ରତ୍ନଭଣ୍ଡାରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। କିନ୍ତୁ ସନ୍ଧ୍ୟା ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ବୟାନ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କେବେ ରତ୍ନଭଣ୍ଡାର ଖୋଲାଯିବ, ସେନେଇ କୌଣସି ନିଷ୍ପତ୍ତି ହୋଇ ନଥିବା ଆଇନ ମନ୍ତ୍ରୀ କହିଛନ୍ତି। ରତ୍ନଭଣ୍ଡାର ୮ ତାରିଖରେ ଖୋଲିବାକୁ ଯାଉଥିବା ଘଟଣା ସମ୍ପର୍କରେ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୮ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନେଇ କୌଣସି ନିଷ୍ପତ୍ତି ହୋଇନି। ଏ ସଂପର୍କରେ ଛତିଶା ନିଯୋଗ ବୈଠକରେ କିଛି ବି ନିଷ୍ପତ୍ତି ହୋଇନି। ଜଣେ ଇଏଓ ଅଧିକାରୀ ଏ ସଂପର୍କରେ ସୂଚନା ଦେଇ କେବଳ ଭ୍ରାନ୍ତି ସୃଷ୍ଟି କରିଛନ୍ତି। ଅଧିକାରୀ ଜଣଙ୍କ ନିଜ ଦୋଷ ତ୍ରୁଟି ଲୁଚାଇବାକୁ ଯାଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ସଂପୃକ୍ତ ଇଏଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କେବେ ରତ୍ନଭଣ୍ଡାର ଖୋଲାଯିବ, ତା'ଉପରେ ପ୍ରଥମେ ତର୍ଜମା କରାଯିବ। ଏହାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ସୁଦ୍ଧା ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ପ୍ରକାରର ନିଷ୍ପତ୍ତି ହୋଇନାହିଁ। କେବେ ଖୋଲାଯିବ ଓ କଣ ହେବ, ▶▶ପୃଷ୍ଠା ୭

## ଡିପଥେରିଆ ବ୍ୟାକ୍ଟେରିଆର କରାଯିବ ଜିନମ ସିକ୍ୱେନ୍ସିଂ

ଭୁବନେଶ୍ୱର, ୧୯/୬ (ନି.ପ୍ର): ଡିପଥେରିଆ ବ୍ୟାକ୍ଟେରିଆର ଜିନମ ସିକ୍ୱେନ୍ସିଂ କରାଯିବ। ରୋଗୀଙ୍କ ଆଂଟିବଡି ପରୀକ୍ଷା ସହ ଡିପଥେରିଆ ବ୍ୟାକ୍ଟେରିଆର ଜିନମ ସିକ୍ୱେନ୍ସିଂ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତି ନେଇଛି। ଆଂଟି ବଡି ପରୀକ୍ଷା ପାଇଁ ରୋଗୀଙ୍କ ନମୁନା ପଠାଯାଇଥିବା ବେଳେ ଜିନମ୍ ସିକ୍ୱେସିଂ ପାଇଁ ଆଇଏଲଏସ୍ କିମ୍ବା ଆଇସିଏମଆରକୁ ନମୁନା ପଠାଯିବ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର । ସେ ଆହୁରି କହିଛନ୍ତି ଯେ ଡିପ୍‌ଥେରିଆ ସ୍ଥିତି ନିୟନ୍ତ୍ରଣରେ ରହିଛି। ନୂଆ କେସ୍ ଆସିନି, ଏବେ ଯାଏଁ ସେହି ୨୧ଟି ମାମଲା ରହିଛି। ରାୟଗଡ଼ା ହସ୍ପିଟାଲରେ କେହି ରୋଗୀ ନାହାନ୍ତି, ସବୁ ଘରକୁ ଗଲେଣି। ଭବାନୀପାଟଣାରେ ୪ ଜଣଙ୍କ ମଧ୍ୟରୁ ୨ ଜଣ ଡିପଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। କୋରାପୁଟ ବନ୍ଧୁଗାଁର ରୋଗୀ ଏମକେସିଜିରେ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ପ୍ରଥମଥର ପାଇଁ ନବୀନ ବିରୋଧୀ ଦଳ ନେତା, ପ୍ରସନ୍ନ ଉପ ନେତା



ଭୁବନେଶ୍ୱର, ୧୯/୬ (ନି.ପ୍ର): ଓଡ଼ିଶାକୁ ଦୀର୍ଘ ୨୪ ବର୍ଷ ଧରି ଶାସନ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି କ୍ଷମତାଚ୍ୟୁତ ହେବା ପରେ ଆଜି ବିରୋଧୀ ଦଳ ନେତା ବାଛିବାକୁ ବୈଠକ କରିଥିଲା। ବୈଠକରେ ନବନିର୍ବାଚିତ ୫୧ ଜଣ ବିଜେଡି ବିଧାୟକ ଓ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ। ଶଙ୍ଖଭବନରେ ଆୟୋଜିତ ବୈଠକରେ ଦଳୀୟ ବିଧାୟକମାନେ ନବୀନଙ୍କୁ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରିଛନ୍ତି। ସର୍ବସମ୍ମତିକ୍ରମେ ବିଜେଡି ବିଧାୟକ ଦଳର ନେତା ହୋଇଛନ୍ତି ନବୀନ। ନିଜର ରାଜନୀତିକ କ୍ୟାରିୟରରେ ନବୀନ ପ୍ରଥମଥର ପାଇଁ ବିରୋଧୀ ଦଳର ନେତା ହୋଇଛନ୍ତି। କାରଣ ୨୦୦୦ ମସିହାରୁ ୨୦୨୪ ଯାଏ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରି ଆସିଥିଲେ। ୫ଥର ମୁଖ୍ୟମନ୍ତ୍ରୀ ହେବା ପରେ ▶▶ପୃଷ୍ଠା ୭

## ସୁରମା ପାଢ଼ୀ ବିଜେପିର ବାଚସ୍ପତି ପ୍ରାର୍ଥୀ



ଭୁବନେଶ୍ୱର, ୧୯/୬ (ନି.ପ୍ର): ରଣପୁର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ବିଜେପିର ବାଚସ୍ପତି ପ୍ରାର୍ଥୀ। ବାଚସ୍ପତି ନିର୍ବାଚନ ପାଇଁ ଆଜି ସେ ନାମାଙ୍କନ ଦାଖଲ କରିଛନ୍ତି। ସୁରମା ପାଢ଼ୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଦୁଇ ଉପ ମଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ବିଜେପିର ବରିଷ୍ଠ ବିଧାୟକମାନେ ଉପସ୍ଥିତ ଥିଲେ। ▶▶ପୃଷ୍ଠା ୭

## ସାର୍ବଜନୀନ ହେବ ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ




ପୁରୀ, ୧୯/୬ (ନି.ପ୍ର): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଜୁଲାଇ ୮ରେ ରତ୍ନଭଣ୍ଡାର ଖୋଲାଯିବାକୁ ଥିବା ବେଳେ ଏବେ ଚାବି ହଜିବା ଘଟଣାର ରିପୋର୍ଟ ସାର୍ବଜନୀନ ହେବ ବୋଲି ନିଷ୍ପତ୍ତି ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ତଦନ୍ତ ଜଷ୍ଟିସ ରଘୁବୀର ଦାସ କମିଶନ କରିଥିଲେ। ଏହି ରିପୋର୍ଟ ଏବେ ସାର୍ବଜନୀନ ହେବ। ଏନେଇ ହାଇକୋର୍ଟଙ୍କୁ ଆଜି ଅବଗତ କରାଇଛନ୍ତି ରାଜ୍ୟ ସରକାର। ଆଗାମୀ କ୍ୟାବିନେଟ ବୈଠକରେ ରିପୋର୍ଟ ଉପସ୍ଥାପନ ହେବ ବୋଲି ଜଣାପଡ଼ିଛି। ସେହିପରି ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ପୂରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। କେଉଁ ପରିସ୍ଥିତିରେ ଚାବି ହଜିଲା, ତା'ର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇଥିଲା। କମିଶନ ତଦନ୍ତ କରିବା ପରେ ନିର୍ଦ୍ଧାରିତ ସମୟରେ ତାଙ୍କ ରିପୋର୍ଟ ଦାଖଲ କରିଥିଲେ। କୋର୍ଟ ଅଫ ଇନକ୍ୱାରୀ ଆକ୍ଟ ଅନୁସାରେ, ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକ ରହିଛି। ଅର୍ଥାତ ଏହା ରାଜ୍ୟ ବିଧାନସଭାରେ ▶▶ପୃଷ୍ଠା ୭

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସମ୍ପୂର୍ଣ୍ଣ ତଥ୍ୟ ମାଗିଲେ ରାଜ୍ୟ ସରକାର

କୋଲକାତା, ୧୯/୬: ରେସନ ବିତରଣ ଦୁର୍ନୀତି ମାମଲାରେ ଇଡି ଅଭିନେତ୍ରୀ ରିତୁପର୍ଣ୍ଣା ସେନଗୁପ୍ତଙ୍କୁ ପ୍ରାୟ ପାଂଚ ଘଂଟା ପଚରାଉଚରା କରିଛନ୍ତି। ସେ ଦିନ୧୨:୫୫ ରେ ଇଡି କାର୍ଯ୍ୟାଳୟରେ ପ୍ରବେଶ କରି ପ୍ରାୟ ପାଂଚ ଘଂଟା ପରେ ଅପରାହ୍ନ ୫:୪୯ ରେ ବାହାରିଥିଲେ। ରାସନ ଦୁର୍ନୀତି ମାମଲାର ତଦନ୍ତ ପାଇଁ ଇଡି ଅଭିନେତ୍ରୀଙ୍କୁ ଡକାଇଥିଲେ। ଯଦିଓ ଅଭିନେତ୍ରୀ ପ୍ରଥମ ନୋଟିସକୁ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି, ସେ ବୁଧବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କ କାର ଦିନ ପ୍ରାୟ ୧ ଟାରେ ସିଜିଓ ସାମ୍ନାରେ ପହଂଚିଥିଲା । ଓକିଲଙ୍କ ସହ ଅଭିନେତ୍ରୀ କାରରୁ ଓହ୍ଲାଇ ସିଜିଓଙ୍କ କମ୍ପ୍ଲେକ୍ସରେ ପ୍ରବେଶ କରିଥିଲେ। ବୁଧବାର ଅଭିନେତ୍ରୀ ପହଂଚିବା ପୂର୍ବରୁ ତାଙ୍କ ଆକାଉଁଟ ଡକ୍ୟୁମେଂଟ ସହିତ ସିଜିଓ ପହଂଚି ସାରିଥିଲେ । ଜଣେ ଇଡି ଅଧିକାରୀ କରିଛନ୍ତି ଯେ ରାସନ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ଅନୁସନ୍ଧାନକାରୀ ମାନେ ରିତୁପର୍ନାଙ୍କ ଆର୍ଥିକ କାରବାର ସମ୍ପର୍କରେ ସୂଚନା ପାଇଛନ୍ତି। ଯଦିଓ ଇଡି ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି କହିନାହିଁ।

## କ୍ୟାବିନେଟର ବଡ଼ ନିଷ୍ପତ୍ତି: ୧୪ ଖରିଫ ଫସଲର ଏମଏସପି ଅନୁମୋଦିତ: ଧାନ କ୍ୱିଣ୍ଟାଲ ପିଛା ୨,୩୦୦ ଟଙ୍କା



ନୂଆଦିଲ୍ଲୀ, ୧୯/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ତୃତୀୟ କାର୍ଯ୍ୟକାଳର ଦ୍ୱିତୀୟ କ୍ୟାବିନେଟ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଧାନ, ରାଗି, ମିଲେଟ, ବାଜରା, ମକା ଏବଂ କପା ସମେତ ୧୪ଟି ଖରିଫ ଫସଲ ଉପରେ ସର୍ବନିମ୍ନ ସହାୟତା ମୂଲ୍ୟ(ଏମଏସପି) ଅନୁମୋଦନ କରାଯାଇଛି। ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଜି କୃଷକଙ୍କ କଲ୍ୟାଣ ପାଇଁ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖରିଫ ଫସଲ ପାଇଁ ୧୪ ଫସଲ ଉପରେ କ୍ୟାବିନେଟ ଏମଏସପି ଅନୁମୋଦନ କରିଛି। ଧାନର ନୂତନ ଏମଏସପି ୨,୩୦୦ ଟଙ୍କା ହୋଇଛି। ଯାହା ପୂର୍ବ ଏମଏସପି ତୁଳନାରେ ୧୧୭ ଟଙ୍କା ଅଧିକ। ୨୦୨୩-୨୪ ମସିହାରେ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କାରୁ ୨୦୨୪-୨୫ରେ ୨,୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସୂର୍ଯ୍ୟମୁଖୀ ମଞ୍ଜି ଉପରେ ଏମଏସପି କୁଇଣ୍ଟାଲ ପିଛା ୯୮୩ ଟଙ୍କା ବୃଦ୍ଧି କରାଯାଇଛି ରାଶି ଉପରେ ଏମଏସପି କୁଇଣ୍ଟାଲ ପିଛା ୬୩୨ ଟଙ୍କା ବୃଦ୍ଧି କରାଯାଇଛି। ମସୁର ଏବଂ ହରଡ଼ ଡାଲି ଉପରେ ଏମଏସପି କୁଇଣ୍ଟାଲ ପିଛା ୫୫୦ ଟଙ୍କା ବୃଦ୍ଧି କରାଯାଇଛି। କପା ଏମଏସପି ୫୦୧ ଟଙ୍କା ବୃଦ୍ଧି ପାଇଛି। ଆଜିର ନିଷ୍ପତ୍ତି ଅନୁଯାୟୀ କୃଷକମାନେ ଏମଏସପି ଭାବରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପାଇବେ। ଏହା ପୂର୍ବ ଋତୁ ତୁଳନାରେ ୩୫,୦୦୦ କୋଟି ଟଙ୍କା ଅଧିକ ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଅନ୍ୟ କ୍ୟାବିନେଟ ▶▶ପୃଷ୍ଠା ୭

## କୋର୍ଟରୁ ମିଳିଲାନି ଆଶ୍ୱସ୍ତି: ଜେଲରେ ରହିବେ କେଜ୍ରିୱାଲ



ନୂଆଦିଲ୍ଲୀ, ୧୯/୬ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଲାନି ଆଶ୍ୱସ୍ତି। ବୁଧବାର ତାଙ୍କୁ ପୁଣିଥରେ ରାଉଜ୍ ଆଭିନ୍ୟୁ କୋର୍ଟରେ ହାଜର କରାଯାଇଥିବାବେଳେ, କୋର୍ଟ ତାଙ୍କର ନ୍ୟାୟିକ ହେପାଜତକୁ ବୃଦ୍ଧି କରିଛନ୍ତି । ଆସନ୍ତା ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ କେଜ୍ରିୱାଲଙ୍କ ନ୍ୟାୟିକ ହେପାଜତକୁ କୋର୍ଟ ବୃଦ୍ଧି କରିଛନ୍ତି । ତେବେ ଏହା ପୂର୍ବରୁ ମଧ୍ୟ କୋର୍ଟ କେଜ୍ରିୱାଲଙ୍କୁ ଜାମିନ୍ ଦେବାକୁ ସିଧା ସିଧା ମନା କରିଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଶୁଣାଣି ସମୟରେ କୋର୍ଟ କେଜ୍ରିୱାଲଙ୍କୁ ଜାମିନ୍ ଦେଇନଥିଲେ । ବରଂ ତାଙ୍କ ନ୍ୟାୟିକ ହେପାଜତକୁ ଜୁନ୍ ୧୯ ତାରିଖ ଯାଏଁ ବୃଦ୍ଧି କରିଥିଲେ । ଏହାପରେ ବୁଧବାର ତାଙ୍କ ନ୍ୟାୟିକ ହେପାଜତର ଅବଧି ଶେଷ ହେବା ପରେ, ତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ତିହାର ଜେଲରୁ କୋର୍ଟରେ ହାଜର କରାଯାଇଥିଲା । ଏହାପରେ କୋର୍ଟ ତାଙ୍କର ନ୍ୟାୟିକ ହେପାଜତକୁ ଜୁଲାଇ ୩ ଯାଏଁ ବୃଦ୍ଧି କରିଛନ୍ତି ।

# ମିଟିଲ୍ୟାବ ସଂସ୍ଥା ପକ୍ଷରୁ ଇଶ୍ୱର ସଂଗଠନ ଆନୁକୂଲ୍ୟରେ କୃଷି କର୍ମଶାଳା

## ଜଳ ସଂରକ୍ଷଣ,ବିଶ୍ୱ ତାପୟନ,କୃଷି ଖର୍ଚ୍ଚ ହ୍ରାସ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୧୯/୬(ନିପ୍ର): ସମଗ୍ର ମାନବ ସମାଜ ପାଇଁ ଦ୍ରୁତ ବିଶ୍ୱ ତାପାୟନ,ଜଳବାୟୁ ପରିବର୍ତ୍ତନ,ଜଳ ସଂରକ୍ଷଣ ପ୍ରସଙ୍ଗ ମୁଖ୍ୟ ଚିନ୍ତାର କାରଣ ପାଲଟିଛି ।ସଚେତନତା ଅଭାବରୁ ଦୈନନ୍ଦିନ କାର୍ଯ୍ୟ ଓ କୃଷି କର୍ମରେ ଅଯଥା ଜଳ ନଷ୍ଟ କରି ଖର୍ଚ୍ଚାନ୍ତ ହେବା,ବୃକ୍ଷ ଓ ଜଙ୍ଗଲ ନଷ୍ଟ କରି କଂକ୍ରିଟ ଜଙ୍ଗଲ ଛିଡ଼ା କରିବା ଫଳରେ ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୁଷିତ ଓ ପରିବର୍ତ୍ତିତ ହେଉଛି ।ତେଣୁ କୃଷକଙ୍କ ଆୟ ବଢ଼ାଇବା ସହିତ ପରିବେଶକୁ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ସଂସ୍ଥା, ମିଟିଲାବ ପକ୍ଷରୁ ଇଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଏକ ବିଶାଳ ଚାଷୀ କର୍ମ ଶାଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ମଧ୍ୟାହ୍ନରେ ଜଳେଶ୍ୱର ସ୍ଥିତ ଖୁସି ପ୍ଲାଜା ପରିସରରେ ଉକ୍ତ କୃଷକ ପ୍ରଶିକ୍ଷଣ ଶିବିର ଓ ସଚେତନତା ସଭା ଆୟୋଜିତ ହୋଇଥିଲା ।ଏହି ଶିବିର ରେ ୨୦୦ଉର୍ଦ୍ଧ ଚାଷୀ ଯୋଗଦେଇ ଥିବା ବେଳେ, କ୍ଷୁଦ୍ର ଚାଷୀଙ୍କ ଆୟ ବୃଦ୍ଧି ଲାଗି, ଠିକ୍ ସମୟରେ ଜଳ ପରିଚାଳନାର ପରାମର୍ଶ, ଧାନ କ୍ଷେତ, ଅଦା ଶୃଙ୍ଖଳା ରଖିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଶେଷ କରି ମଞ୍ଚାସୀନ ବିଶେଷଜ୍ଞ, ଜଳ ସଂରକ୍ଷଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ, ୧କେଜି ଧାନ ଉତ୍ପାଦନ ପାଇଁ ୩୦୦୦ ଲିଟର ପାଣି ବ୍ୟବହୃତ ହୋଇଥିବା ଉଲ୍ଲେଖ କରିଥିଲେ। ଏପରିକି ବହୁଳ ପାଣି ବ୍ୟବହାର ଦ୍ୱାରା ବିଜୁଳି ବିଲ୍ ଅଧିକ ଆସିବା ସହିତ ଧାନ ଜମିରେ ମିଥେନ ଗ୍ୟାସର ସୃଷ୍ଟି ଓ ରୋଗ ପୋକର ପ୍ରାଦୁର୍ଭାବ ଓ ଫସଲ ଅମଳ କମ ହୋଇଥାଏ ବୋଲି କହିଥିଲେ। କୃଷି ପ୍ରଧାନ ଦେଶରେ ଲୋକଙ୍କ ଜୀବନ ଜୀବିକା, ପରିବେଶକୁ ସୁରକ୍ଷିତ ରଖିବାପାଇଁ ଭିନ୍ନଭିନ୍ନ ଜ୍ଞାନ କୈଶଳ ଉପଯୋଗ କରି ମିଥେନ ଗ୍ୟାସ ହ୍ରାସ କରିବା, ମାଟିରେ ଦୈବିକ ଅଙ୍ଗାର ସୃଷ୍ଟି କରିବା, ପରିବେଶ ରୁ ଅଙ୍ଗାରକାମ୍ଳ ହ୍ରାସ କରିବା ସଂସ୍ଥାର ମୂଳ ଲକ୍ଷ୍ୟ ଅଟେ। କୃଷି ଭିତ୍ତିକ କର୍ମଶାଳ ଆରମ୍ଭ ରେ ଅତିଥିଙ୍କ ହସ୍ତରେ ବୃକ୍ଷ ଚାରା ରୋପଣ କରାଯାଇଥିଲା ।ଆୟୋଜିତ ଶିବିରରେ ସଂଗଠନ କର୍ତ୍ତୃପକ୍ଷ ପିୟୁଷ ରଞ୍ଜନ ମିଶ୍ର ମଞ୍ଚ ଆହ୍ୱାନ, ଉଦ୍ଦେଶ୍ୟ ଜ୍ଞାପନ ଓ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର କୃଷି ଜିଲ୍ଲା ଅଧିକାରୀ ରାଜୀବ ଲୋଚନ ବେହେରା, ମିଟିଲାବ ସଂସ୍ଥା ଅଧିକାରୀ ବେଞ୍ଜାମିନ ମାଥୁର, ସମ୍ମାନୀତ ଅତିଥି ଭାବେ ଜଳେଶ୍ୱର ଉଠା ଜଳ ସେଚନ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, ଇଶ୍ୱର ସଂଗଠନ ମୁଖ୍ୟ ମୁସ୍ତାକ ଖାଁ,ବିଶ୍ୱାସ ସାମାଜିକ ସଂଗଠନ ମୁଖ୍ୟ ସଂଗ୍ରାମ କେଶରୀ ପରିଡ଼ା, ଇଶାନ ଆଜମେର, ସୁରେଶ ମିଶ୍ର, ଅନୁପ ବେହେରା ପ୍ରମୁଖ ଯୋଗୋ ଦେଇ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପାୟନ, ଜଳ, ମୃତ୍ତିକା ସଂରକ୍ଷଣ, ଚାଷୀ ର ଆୟ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ। ପୃଥିବୀରରେ ଭାରତ କୃଷି କ୍ଷେତ୍ର ରେ ୪ନମ୍ବର ରେ ରହିଥିବା ବେଳେ, ଦେଶରେ ୮୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ସମଗ୍ର ଦେଶରେ ଜଳ ସଙ୍କଟ ଓ ଶକ୍ତି ଅପଚୟ ଅଧିକ ମାତ୍ରାରେ ହେଉଛି। ବାୟୁ ମଣ୍ଡଳ ଉତ୍ତପ୍ତ ହେବା ସହିତ ପାଣି ପାଗ ରେ ଘୋର ଅନିୟମିତତା ସାଙ୍ଗକୁ ପ୍ରାକୃତିକ ବ୍ୟବସ୍ଥା ବିପର୍ଯ୍ୟୟ ହେଉଛି। ଭାରତରେ ୯୦%ମିଠା ଜଳଭଣ୍ଡାର କୃଷି କ୍ଷେତ୍ରକୁ ଯାଉଥିବା ବେଳେ, ୬୫% ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ।ଏକ ପରିସଂଖ୍ୟାନ ରୁ ୧କେଜି ଚାଉଳ ପିଛା ୩୦୦ଶହ ଟଙ୍କା ଖର୍ଚ୍ଚ ହେଉ ଥିବାର ସମୀକ୍ଷା କରାଯାଇଛି ।ଜଳ ସଂରକ୍ଷଣ, ସମସ୍ତଙ୍କ ଜମିର ମାଟି ପରୀକ୍ଷା ଓ ମୃତ୍ତିକା ସଂରକ୍ଷଣ, ଅଧିକ ଜୈବିକ ସାର, କୀଟନାଶକ ପ୍ରୟୋଗ ଫଳରେ, ବାୟୁମଣ୍ଡଳ ପ୍ରଦୁଷଣ ହାର କମ ହେବା ସହିତ, ଅମଳ ବୃଦ୍ଧି ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ତେଣୁ ଚାଷୀ ଧାଡ଼ିରେ ଧାନ ରୋଇବା, କୋମ୍ପଷ୍ଟ ଖତ ବ୍ୟବହାର କରିବା, ଜଳ ସୁ ପରିଚାଳନା ଫଳରେ ମାଟିର ଉର୍ବର ଶକ୍ତି ବୃଦ୍ଧି ହେବା ସହିତ ଅଧିକ ଅମଳ ହୋଇପାରିବ ।ଆମ ପରିବେଶ ଓ ବାୟୁ ମଣ୍ଡଳକୁ ରକ୍ଷା କରିବାକୁ ହେଲେ ମିଥେନ ଗ୍ୟାସ ଓ ଅଙ୍ଗାରକାମ୍ଳ ଗ୍ୟାସ ହ୍ରାସ କରିବା ଦିଗରେ ଜଳ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ। ଯେତେଦିନ ପର୍ଯ୍ୟନ୍ତ କ୍ଷେତରେ ପାଣି ଅଧିକ ରହିବ ସେତେଦିନ ପର୍ଯ୍ୟନ୍ତ ଜୈବିକ ପ୍ରତିକ୍ରିୟା ରେ ମିଥେନ ଗ୍ୟାସ ଅଧିକ ଉତ୍ପନ୍ନ ହେବା ନିଶ୍ଚିତ। ତେଣୁ ଧାନ ଚାଷ ସହିତ ମିଶ୍ରିତ ଚାଷ,ଉଦ୍ୟାନ କୃଷି, ପଶୁପାଳନ ଓ ମାଛ ଚାଷ କଲେ କୃଷକର ଆର୍ଥିକ ସାମର୍ଥ୍ୟ ବଢିବା ସହିତ ଆୟ ଦ୍ୱିଗୁଣିତ ହୋଇପାରିବ ବୋଲି ବକ୍ତା ପରାମର୍ଶ ଦେଇଥିଲେ। ତେଣୁ ମିଟିଲାବ ସଂସ୍ଥା ଆଗାମୀ ୭ବର୍ଷ ଧରି, ଇଶ୍ୱର ସଂଗଠନ ସହାୟତାରେ ଅଞ୍ଚଳର କୃଷକଙ୍କ କଲ୍ୟାଣ ଲାଗି ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି ।ଅଧିକ ବୃଷ୍ଟିପାତ ହେଲେ ଜଳର ସ୍ତର ନିର୍ଦ୍ଧାରଣ ଓ ଜଳ ପରିଚାଳନା ନେଇ ଅଭିନବ ଯୋଜନା କରୁଛନ୍ତି ।ପାଇଁ କିନ୍ତୁ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା କୃଷକ ମାନେ, ଶିଳ୍ପ ଓ କଳ କାରଖାନା ଯୋଗୁଁ ଅଧିକ ପରିମାଣରେ ପାଣି ଖର୍ଚ୍ଚ, ପରିବେଶ ପ୍ରଦୁଷଣ ହେଉଥିବା କହିଥିଲେ ।ଚାଷୀ ବିଭୁରେନ୍ଦ୍ର ଦେ, ବିଜୟ ଜେନା, ଦେବାଜାନୀ ଅଣ୍ଡିଆ, ଦିଲ୍ଲୀପ ଦେଓ, ସୁଜିତ ଗିରି, ଅଞ୍ଜନ କୁମାର ପ୍ରଧାନ, ଅଜୟ ବାରିକ୍, ଧ୍ରୁବ ଚରଣ ପାତ୍ର, ଚକ୍ରଧର ପ୍ରଧାନ, ଶାନ୍ତି ଲତା ରାଉଳ, ପିଣ୍ଟୁ ଦତ୍ତ, ଦେବାଜାନୀ ଅଣ୍ଡିଆ ପ୍ରମୁଖ ବହୁ ମହିଳା ଚାଷୀ ମଧ୍ୟ ଯୋଗ ଦେଇଥିଲେ। ଶେଷରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ, କୃଷକ ଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଦିଆଯାଇଥିଲା।




# ଅଧାପନ୍ତରିଆ ହୋଇ ପଡ଼ିଛି ପୋଖରୀ ପୁନରୁଦ୍ଧାର କାମ

ଗୋପାଳପୁର,୧୯/୬(ନିପ୍ର): ବିଭିନ୍ନ ସହରାଞ୍ଚଳରେ ମୁକ୍ତା ଯୋଜନାରେ ପୋଖରୀଗୁଡ଼ିକର ପୁନରୁଦ୍ଧାର କାମ ଆରମ୍ଭ ହୋଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ ସମସ୍ତ କାମ ଅଧାପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଗୋପାଳପୁର ଏନଏସିରେ ପ୍ରାୟ ୩୦ ଲକ୍ଷ ଟଙ୍କା ବିନିଯୋଗରେ ବଡ ବନ୍ଧ ସହ ହରିଜନ ସାହି ପୋଖରୀ ପୁନରୁଦ୍ଧାର କାମ ଦୁଇଟି ମହିଳା ସଂଘକୁ ଦିଆଯାଇଛି। ଇତି ମଧ୍ୟରେ ବର୍ଷା ଆରମ୍ଭ ହୋଇଗଲାଣି। କିନ୍ତୁ କାର୍ଯ୍ୟ ନେଇଥିବା ମହିଳା ସଂଘ ପକ୍ଷରୁ ପୋଖରୀ ପୁନରୁଦ୍ଧାର କାମ ଶେଷ ହୋଇପାରିନାହିଁ। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ପୋଖରୀ ପୁନରୁଦ୍ଧାର ସମୟରେ ପୋଖରୀର କିଛି ଅଞ୍ଚଳର ସୁରକ୍ଷା କାନ୍ଥ ଭାଙ୍ଗି ଯାଇଥିବାବେଳେ ଏହାକୁ ମରାମତି କରାଯାଇନାହିଁ। ପୋଖରୀ ଚାରିକଡେ ସୌନ୍ଦର୍ଯ୍ୟକରଣ ନିମନ୍ତେ କିଛି ଫୁଲ ଚାରା ଲଗା ଯାଇଥିବାବେଳେ ସେଗୁଡିକର ରକ୍ଷଣାବେକ୍ଷଣ ସହ ସୁରକ୍ଷା ପ୍ରଦାନ କରା ଯାଉନଥିବାରୁ ଚାରାଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ସେଥି ମଧ୍ୟରୁ ଯାହା ସବୁ ବଞ୍ଚିଛି ସେଗୁଡ଼ିକୁ ଛେଳି ଖାଉଥିବା ଦେଖିବାକୁ ମିଳିଛି। ପୋଖରୀ ପୁନରୁଦ୍ଧାର କାମର ଅଗ୍ରଗତି ନେଇ ଏନଏସି କନିଷ୍ଠ ଯନ୍ତ୍ରୀ ମଞ୍ଜିତା ରଥଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। ଏଣୁ ଲକ୍ଷାଧିକ ଟଙ୍କା ବିନିଯୋଗରେ ପୋଖରୀ ପୁନରୁଦ୍ଧାର ନାମରେ ଟଙ୍କା ହଡ଼ପ କରାଯିବାକୁ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କ ପକ୍ଷରୁ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



# ରଥଯାତ୍ରା ପାଇଁ ଅନୁଷ୍ଠିତ ହେଲା ପରିଚାଳନା ବୈଠକ

ପୁରୀ,୧୯/୬(ନିପ୍ର): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ନୀଳାଦ୍ରି ଭକ୍ତ ନିବାସ ପରିସରରେ ବସିଥିବା ବୈଠକରେ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପିଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ବୈଠକରେ ଶୃଙ୍ଖଳିତ ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆସନ୍ତା ୨୨ରେ ସ୍ନାନ ପୂର୍ଣ୍ଣିମାରେ ସମସ୍ତ ସେବକ ଓ ଶ୍ରୀମନ୍ଦିର କର୍ମଚାରୀ କିପରି ନୀତି ନିୟମ ପାଳନ କରିବେ ତାହା ଉପରେ ଆଲୋଚନା ହୋଇଛି। ସ୍ନାନ ପୂର୍ଣ୍ଣିମାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବରେ ଦର୍ଶନ କରିପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଛି।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଉତ୍କଳ ଯାଦବ ମହାସଭା ପ୍ରତିନିଧି ମଣ୍ଡଳୀ

କଟକ,୧୯।୦୬(ନି.ପ୍ର): ଉତ୍କଳ ଯାଦବ ମହାସଭା ଓଡ଼ିଶାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ତଥା ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ଇଂ.ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ମହାସଭାର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଶୁଭେଚ୍ଛା ସହ ସମ୍ବର୍ଦ୍ଧନା ଜ୍ଞାପନ ଜଣାଇଛନ୍ତି। ବିଧାନସଭା ନିର୍ବାଚନରେ ସମଗ୍ର ଓଡ଼ିଶାରେ ଚର୍ଚ୍ଚାର ପରିସରକୁ ଆସିଥିବା କଣ୍ଟାବାଞ୍ଜି ବିଧାୟକ ତଥା ଉତ୍କଳ ଯାଦବ ମହାସଭା ପ୍ରକଳ୍ପ ବିଭାଗର ସଭାପତି ଶ୍ରୀ ଲକ୍ଷ୍ମଣ ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିନଥିବାରୁ ମହାସଭା ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି । ଆଗାମୀ ଦିନରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସମୟରେ ଶ୍ରୀ ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେବାକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦାବୀ କରାଯାଇଛି । ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭା ମହିଳା ଶାଖା ସଭାନେତ୍ରୀ ଗୀତା ରାଣୀ ଦାସ, କାର୍ଯ୍ୟାଳୟ ସମ୍ପାଦକ ବୁଲେଇ ବେହେରା, ପ୍ରିତିରଞ୍ଜନ କାଠୁଆ ଓ ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଭାରସାମ୍ୟ ହରାଇ ଡ଼ିଭାଇଡ଼ରକୁ ପିଟିଲା କଂଟେନର

କୋରେଇ,୧୯।୦୬(ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାପଥର ଟିଙ୍କର ପୋଲ ଉପରେ ଏକ କଂଟେନର ଟ୍ରକ ଭାରସାମ୍ୟ ହରାଇ ଡ଼ିଭାଇଡ଼ରକୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରକାଶଯେ ଆନ୍ଧ୍ରପ୍ରଦେଶରୁ ମାଛ ନେଇ କଲିକତା ଅଭିମୁଖେ ଯାଉଥବା ଏକ ମାଛ ବୋଝେଇ କଂଟେନର (ଏପି୩୭ଟିଜେ ୧୧୫୫) ମଙ୍ଗଳବାର ଭୋର ସମୟରେ ଭାରସାମ୍ୟ ହରାଇ ରାଜପଥର ମଝି ଡ଼ିଭାଇଡ଼ର ଉପରକୁ ଚଢାଇ ଦେଇଥିଲା। ଉକ୍ତ ଦୁର୍ଘଟଣାରେ କଂଟେନରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ କିମ୍ବା ଖଲାସୀଙ୍କର କିଛି କ୍ଷତି ଘଟିନଥିବା ଜଣାପଡ଼ିଛି। ରାଜପଥ ପେଟ୍ରୋଲିଂ ପୁଲିସ ଓ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି।

# ମାନବିକତାର ଅପୂର୍ବ ସମନ୍ୱୟ : ସମାଜସେବୀ ଦମ୍ପତି ନାରାୟଣ ଚଂଦ୍ର ଓ ସରୋଜ ନଳିନୀ

କଟକ,୧୯।୦୬(ନି.ପ୍ର): ଯଦି ସେବା କଥା କିମ୍ବା ଉଚ୍ଚ ଚିନ୍ତା ଧାରା, ମହନୀୟ କଥା ଆସେ ଆମେ ମହାପୁରୁଷ ବର୍ଗଙ୍କ ସ୍ମୃତି ଚାରଣ କରୁ। ସେହି ମାନଂକ ଆଦର୍ଶରେ ଅନୁପ୍ରାଣିତ, ସମର୍ପିତ ଅନେକ ମଣିଷ ମାନଂକ ମଧ୍ୟରୁ ଉଦାହରଣ ନିଆ ଯାଇ ପରେ କଟକ ସଦର ବ୍ଲକ୍ ବୟାଳିଶମୌଜା ବେଣ୍ଟକାର ପଞ୍ଚାୟତ ଉପକଣ୍ଠ ପଟଣା ଗ୍ରାମର ଧର୍ମପ୍ରାଣ, ସମାଜସେବୀ ତଥା ଆଦର୍ଶ ଦଂପତି ବରିଷ୍ଠ ସଂଗ୍ରହକ,ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତି (ଝରା ଭାଇ) ଓ କବୀ ସରୋଜ ନଳିନୀ ପରିଜା । ଦୁହେଁ ଅବସପ୍ରାପ୍ତ । ଯେଉଁ ପରିଣତ ବୟସରେ କର୍ମ ସଂସ୍ଥାନରୁ ଅବସର ପରେ ଲୋକେ ନିଜ ଘର ସଂସାର ଜୀବନ ଚର୍ଯ୍ୟା ବା ନିଜ ସ୍ୱାସ୍ଥ୍ୟ ସମସ୍ୟାରେ ପିଡିତ ଥାନ୍ତି ସେହି ସମୟରେ ଏହି ଦମ୍ପତି ବହୁବିଧ ସେବାରେ ବ୍ରତୀ ଓ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ସଦର ମାଟିର ଅଗ୍ରଣୀ ସାମାଜିକ ସଙ୍ଗଠନ 'ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ'ର ବରେଣ୍ୟ ସଂପାଦକ ଓ ସଭାପତି ଦାୟୀତ୍ୱ ଗ୍ରହଣ କରି ପୂଜ୍ୟପୂଜା,ମେଧା ପ୍ରତିଭା ଅନ୍ୱେଷଣ, ସାହିତ୍ୟ ସଂସ୍କୃତିର ବିକାଶ, ବିଭିନ୍ନ ଆଶ୍ରମ ସେବା ସହ ଅତ୍ୟାବଶ୍ୟକୀୟ ଉପକରଣ ପ୍ରଦାନ, ନିୟମିତ ସମସ୍ତ ମହାପୁରୁଷ ବା କୌଣସି ପ୍ରତିଭାଙ୍କ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧା ଦିବସ ପାଳନ କରି ଆଜି ଖୁବ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସେବା କଥା କହିଲେ ଉଭୟ ଖୁବ୍ ମତୁଆଲା ଭୋକଶୋଷ ଭୂଲି ଯାଆନ୍ତି ଓ ବହୁ ସ୍ଥାନକୁ ଯାଇ ଆଲୋଚନା ଚକ୍ର,ସମ୍ବର୍ଦ୍ଧନା ଆଦିରେ ଭାଗ ନିଅନ୍ତି। ଝରା ଭାଇ ତାଙ୍କ ଜ୍ୟେଷ୍ଠ ଭ୍ରାତା ବିଶିଷ୍ଟ ସମାଜସେବୀ, ସାହିତ୍ୟିକ,ଚିତ୍ରଶିଳ୍ପୀ ଦିବଂଗତ ଆନଂଦ ଚନ୍ଦ୍ର ମହାନ୍ତିଙ୍କ ପ୍ରେରଣାରେ ଉଦବୁଦ୍ଧ ହୋଇ ସେବା କାର୍ଯ୍ୟରେ ବ୍ରତୀ । ଏହି ମହାନ୍ ଦଂପତି, ବିରଳ ପ୍ରତିଭାଙ୍କ ସାରସ୍ୱତ ସାଧନା ସାରା ଜଗତକୁ ପ୍ରେରଣା ଯୋଗାଉ ଏତିକି ପାର୍ଥନା ।



# ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୭ତମ କିସ୍ତିର ରାୟଗଡ ଜିଲ୍ଲାର ୪୩୭୪୨ଜଣକୁ ୮କୋଟି ୭୪ଲକ୍ଷ ଟଙ୍କା ପ୍ରଦାନ

ରାୟଗଡ,୧୯।୦୬(ନି.ପ୍ର):ଆଜି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୭ତମ କିସ୍ତିର ଦେଶର କିଷାନ ମାନଙ୍କୁ ୨୦ହଜାର କୋଟି ପ୍ରଦାନ କରିଛନ୍ତି କ୍ଷ ଉତ୍ତର ପ୍ରଦେଶର ବାରଣାସୀରୁ ଆୟୋଜିତ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ମାଧମରେ ସ୍ଥାନୀୟ ଜିଲ୍ଲାସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ଚାଷୀମାନେ ଦେଖିଥିଲେ କ୍ଷ ରୟାଗଡ଼ ଜିଲ୍ଲାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୧୭ତମ କିସ୍ତିର ୨୦୦୦ହଜାର ଟଙ୍କା ଲେଖାଏଁ ୪୩୭୪୨ ଜଣ ହିତାଧିକାରୀଙ୍କୁ ୮କୋଟି ୭୪ଲକ୍ଷ ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଜମା କରାଯାଇଛି କ୍ଷ ଜିଲ୍ଲା କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଏରି ମନୋଜ ସତ୍ୟବାନ ମହାଜନ, ପୌର ଅଧକ୍ଷ ଶ୍ରୀ ପି ମହେଶ ପଟ୍ଟନାୟକ, ବ୍ଲକ ଅଧକ୍ଷ୍ୟା ଶୁଆରୀ ଟୁନି ହୁଇକା, ପ୍ରକଳ୍ପ ନିର୍ଦେଶକ ଜାଳବିଭାଜିକା ମିଶନ, ଡ଼ଃ ଦୟାନିଧି ବାଘ, କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ପ୍ରାଣୀ ସିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ ମକ୍ଷନ୍ୟଗଣ୍ୟ ଅତିଥି, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ଚାଷୀମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖିଥିଲେ। ଶେଷରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ସୁମନସିଂ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଆଗଉନି ମୌସୁମୀ, ପ୍ରବଳ ଗୁଳୁଗୁଳି

ଭୁବନେଶ୍ୱର,୧୯।୦୬(ନି.ପ୍ର): ଭୁବନେଶ୍ୱର ଓ କଟକ ସହିତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇଛି। ଅପରାହ୍ଣ ୧ଟାରୁ ୪ଟା ପର୍ଯ୍ୟନ୍ତ ଘନଘନ ବିଜୁଳି ଘଡଘଡି ଯୋଗୁଁ ଲୋକେ ବାହାରକୁ ବାହାରିବାକୁ ଭୟ କରିଥିଲେ। ସକାଳେ ଖରା ସହିତ ପ୍ରବଳ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଥିବାବେଳେ ଅପରାହ୍ଣରେ ଧୂଳି ଝଡ଼ ସହିତ ବିଜୁଳି ଘଡ଼ଘଡ଼ି ଓ ବର୍ଷା ପବନ ହୋଇଥିଲା। ପବନ ବର୍ଷା ଯୋଗୁଁ ରାଜଧାନୀର କେତେକ ସ୍ଥାନରେ ରାସ୍ତାରେ ଗଛ ଉପୁଡ଼ି ପଡ଼ିଥିଲା। ଯାତାୟାତ ପ୍ରଭାବିତ ହୋଇଥିଲା। ନୂଆପଲ୍ଲୀ, ଆଚାର୍ଯ୍ୟ ବିହାର, ନାଲକୋ, ପଟିଆ, ଚନ୍ଦ୍ରଶେଖରପୁର, କଳାରାହାଙ୍ଗ, ଲକ୍ଷ୍ମୀସାଗର, ମଞ୍ଚେଶ୍ୱର, ଜୟଦେବ ବିହାର, କଳ୍ପନା, ବାଲିଅନ୍ତା ଓ ବାଲିପାଟଣା ଆଦି ଅଞ୍ଚଳରେ ବଜ୍ରପାତ ସାଙ୍ଗକୁ ବର୍ଷା ପବନ ହୋଇଛି। ମିଳିଥିବା ସୂଚନା ଅନୁସାରେ କଟକ, ଢେଙ୍କାନାଳ, କେନ୍ଦ୍ରାପଡା ଆଦି ଉପକୂଳବର୍ତ୍ତୀ ଜିଲାଗୁଡିକ ମଧ୍ୟରୁ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡଘଡି ମାରିଛି। ଅପରାହ୍ଣରେ କଟକରେ ସର୍ବାଧିକ ୨୩ ମି.ମି., ଭୁବନେଶ୍ୱରରେ ୧୮.୨ ମି.ମି. ଓ ଢେଙ୍କାନାଳରେ ୧୬.୨ ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ? ଅନୁସାରେ ବୁଧବାର ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ବରଗଡ ଜିଲାର କେତେକ ସ୍ଥାନରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। ଉପରୋକ୍ତ ଜିଲାଗୁଡିକ ମଧ୍ୟରୁ କିଛି ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଏବଂ ଗଜପତି ଜିଲାକୁ ସତର୍କତା ଜାରି କରାଯାଇଛି। ମଙ୍ଗଳବାର ନୂଆପଡା ଜିଲାରେ ସର୍ବାଧିକ ୪୩ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଢେଙ୍କାନାଳ ୪୦.୪, ପାରଳାଖେମୁଣ୍ଡି ୪୦.୭, ବୌଦ୍ଧ ୪୧.୨, ସୁବର୍ଣ୍ଣପୁର ୪୦.୭, ଟିଟିଲାଗଡ ୪୧, ବଲାଙ୍ଗିର ୪୧.୫, ଭବାନୀପାଟଣା ୪୧, ଝାରସୁଗୁଡା ୪୦.୬, ଭୁବନେଶ୍ୱର ୩୯.୮ ଏବଂ କଟକରେ ୩୮.୪ ଡିଗ୍ରୀ ରହିଛି। ଆସନ୍ତା ୨ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ; କିନ୍ତୁ ପରବର୍ତ୍ତୀ ସମୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବା ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶାରେ ସକ୍ରିୟ ରହିଛି। ଆସନ୍ତା ୩ରୁ ୪ଦିନ ମଧ୍ୟରେ ରାଜ୍ୟର ଆଉ କିଛି ଅଞ୍ଚଳକୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉପକୂଳ ଆନ୍ଧ୍ରପ୍ରଦେଶରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି।



**ଧାରାବାହିକ:** ଭାଗ-୧୧

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୧୩ଶ ଅଧ୍ୟାୟ

।। ବରାହ ଅବତାର କଥା ।।

ପୃଥିବୀ ପ୍ରଳୟକାଳରେ ଜଳରେ ମଗ୍ନ ହୋଇଥିବାରୁ ମନୁ ନିଜର ପିତା ବ୍ରହ୍ମାଙ୍କୁ ନିଜର ନିବାସ ପାଇଁ ପୃଥିବୀକୁ ପୁନରୁଦ୍ଧାର ନିମନ୍ତେ କହିଲେ ମାତ୍ର ବ୍ରହ୍ମା ନିଜର ଅକ୍ଷମତା ପ୍ରକାଶ କରିବା ସହ ବିଷ୍ଣୁଙ୍କୁ ସ୍ତୁତି କଲେ । ବିଷ୍ଣୁଙ୍କ ନାସାରୁ ହଠାତ୍ ଏକ ଛୋଟ ବରାହ ଶିଶୁର ଆବିର୍ଭୂତ ହୋଇ ହଠାତ୍ ଆକାଶ ମାର୍ଗରେ ବିଶାଳ ରୂପ ଗ୍ରହଣ ପୂର୍ବକ ଭୟଙ୍କର ଗର୍ଜନରେ ଚତୁର୍ଦ୍ଦିଗ ପ୍ରକମ୍ପିତ କଲେ । ମୁନି ଋଷିମାନଙ୍କ ବେଦପାଠ ମଧ୍ୟରେ ଭଗବାନ ବରାହ ଜଳ ମଧ୍ୟରେ ପ୍ରବେଶ କରି ହିରଣ୍ୟାକ୍ଷ ଯେକି ଭଗବାନଙ୍କ କାର୍ଯ୍ୟରେ ବାଧା ଦେବାକୁ ଆସିଥିଲା ତାକୁ ବଧ କରି ପୃଥିବୀକୁ ନିଜ ଦନ୍ତାଗ୍ରେ ସ୍ଥାପନ କଲେ । ଭଗବାନଙ୍କ ରସାତଳୁ ପୃଥିବୀକୁ ଉଦ୍ଧାର କରିବାରୁ ବ୍ରହ୍ମା ଓ ମୁନିଋଷିମାନେ ତାଙ୍କର ସ୍ତୁତି କରିବାକୁ ଲାଗିଲେ ।

୧୪ଶ ଅଧ୍ୟାୟ

।। ଦିତିଙ୍କର ଗର୍ଭଧାରଣ ।।

ବିଦୁର ହିରଣ୍ୟାକ୍ଷ ଦୈତ୍ୟ ସହିତ ଭଗବାନ ବିଷ୍ଣୁଙ୍କର କାହିଁକି ଶତ୍ରୁତା ଥିଲା ବୋଲି ପ୍ରଶ୍ନ ମୈତ୍ରେୟ ମୁନି କହିଲେ, ଦକ୍ଷକନ୍ୟା ଦିତି ଦିନେ ସନ୍ଧ୍ୟା ସମୟରେ କାମ ଜର୍ଜରିତା ହୋଇ ସ୍ୱାମୀ କଶ୍ୟପଙ୍କୁ ରମଣ ନିମନ୍ତେ ବାଧ୍ୟକଲେ । କଶ୍ୟମ ଋଷିଙ୍କର ବାରଣ ସତ୍ତ୍ୱେ ସେ ରମଣରେ ଲିପ୍ତ ହେଲେ ମାତ୍ର ରମଣାନ୍ତେ ସେ ନିଜର କୁକର୍ମ ପାଇଁ ଲଜ୍ଜିତା ହେବା ସହ ରୁଦ୍ରବେଳାରେ ରମଣ କରିଥିବାରୁ ରୁଦ୍ରଦେବଙ୍କୁ କ୍ଷମାପ୍ରାର୍ଥନା କଲେ । ସେହି ସମୟ ବେଳକୁ ଋଷି କଶ୍ୟପ ସନ୍ଧ୍ୟା ତର୍ପଣ ସାରି ଫେରୁଥିଲେ, ସେ ଦିତିଙ୍କୁ କହିଲେ, ହେ ଅଶୁଭଦାୟିକୀ, ଜାଣିଶୁଣି ଅପରାଧ କରି କ୍ଷମା ମାଗିଲେ କ'ଣ ହେବ ? ତୁମର ଏହି ଅପକର୍ମର ଦଣ୍ଡ ସ୍ୱରୂପ ଦୁଇଟି ତ୍ରିଭୁବନ ପୀଡାକାରୀ ପୁତ୍ର ଜନ୍ମନେବେ ଓ ଭଗବାନ ବିଷ୍ଣୁଙ୍କ ହାତରେ ନିହତ ହେବେ । ଦିତି ନିଜ ସ୍ୱାମୀଙ୍କୁ ପ୍ରାର୍ଥନା କରି କହିଲେ ଯଦି ଏହା ବିଧି ନିର୍ଦ୍ଦିଷ୍ଟ ତାହାଲେ ମୁଁ କ'ଣ କରିବି ?ଆପଣ ଦୟା କରନ୍ତୁ, ମୋର ପୁତ୍ର ଦ୍ୱୟ ନରକରେ ବି ସ୍ଥାନ ପାଉ ନଥିବା ବ୍ରହ୍ମ ଅଭିଶାପରେ ନ ମରି ବିଷ୍ଣୁଙ୍କ ସୁଦର୍ଶନ ଚକ୍ରରେ ପ୍ରାଣ ଦିଅନ୍ତୁ । କଶ୍ୟପ କହିଲେ ଅନୁତପ୍ତର ପ୍ରାର୍ଥନା ସ୍ୱୟଂ ଭଗବାନ ମଧ୍ୟ ଶୁଣନ୍ତି । ତୁମର ଇଚ୍ଛା ପୂର୍ଣ୍ଣହେବ ତା ସହିତ ଭଗବାନଙ୍କ ନିକଟରେ ତୁମର ଅଚଳା ଭକ୍ତି ପାଇଁ ତୁମର ଏକ ପୌତ୍ର ପ୍ରହଲ୍ଲାଦ ଭଗବାନଙ୍କ ପରମ ଭକ୍ତ ହେବ ।

୧୫ଶ ଅଧ୍ୟାୟ

।। ଜୟ ବିଜୟଙ୍କୁ ସନକାଦି ଋଷି ଅଭିଶାପ ।।

ଦିତିଙ୍କ ଗର୍ଭର ତେଜରେ ସାରା ଜଗତ ନିଷ୍ପ୍ରଭ ଲାଗିବାରୁ ଲୋକପାଳମାନେ ଯାଇ ବ୍ରହ୍ମାଙ୍କ ନିକଟରେ ଗୁହାରୀ କଲେ । ବ୍ରହ୍ମା କହିଲେ, ହେ ଲୋକପାଳଗଣ, ତୁମ୍ଭମାନଙ୍କର ପୂର୍ବଜ ମୋର ମାନସ ପୁତ୍ର ସନକାଦି ଋଷିଗଣ ଏକଦା ଭଗବାନ ବିଷ୍ଣୁଙ୍କୁ ଦର୍ଶନ କରିବା ନିମନ୍ତେ ବୈକୁଣ୍ଠକୁ ଗମନ କଲେ । ସେଠାରେ ଥିବା ସଦା ଫଳପୁଷ୍ପଧାରୀ ବୃକ୍ଷ, ଗନ୍ଧର୍ବମାନଙ୍କ ବିହାର ସ୍ଥଳ ନୈଃଶ୍ରେୟସ ବନରେ ଯେଉଁଠି ସୁଗନ୍ଧଯୁକ୍ତ ତୁଳସୀ ମୂଳରେ ବହୁ ସିଦ୍ଧ ସାଧନାରେ ଲିପ୍ତ ଥାନ୍ତି ସେହି ସବୁ ପାର ହୋଇ ଏପରିକି ଛଅ ଦ୍ୱାର ପାର ହୋଇ ସପ୍ତମ ଦ୍ୱାର ନିକଟରେ ଉପସ୍ଥିତ ହେବା ସମୟରେ ଦୁଇଜଣ ଦ୍ୱାରପାଳ ତାଙ୍କୁ ବାଧା ଦେଲେ । ବୟସ୍କ ହେଲେ ବି ସଦା ବାଳକ ପରି ଦେଖାଉଥିବା ଏହି ଦିଗମ୍ବରମାନଙ୍କୁ ଦେଖି ସେମାନେ ତିରସ୍କାର କରିବା ସହ ବେତ୍ରାଘାତ କଲେ । ଏଥିରେ ଋଷିଗଣ କ୍ଷୁର୍ଣ୍ଣ ହୋଇ କହିଲେ ଶ୍ରୀହରି ସଦନରେ ତୁମେ ଦେଖାଇଥିବା ଗୁଣମାନଙ୍କର ସ୍ଥାନ ନାହିଁ । ତୁମେ ଏହି ପବିତ୍ରଧାମକୁ କଳୁଷିତ କରିଥିବାରୁ ଆମେ ଅଭିଶାପ ଦେଉଛୁ ତୁମେ କାମ, କ୍ରୋଧ, ଲୋଭାଦି ପୂରିଥିବା ଯୋନି ପ୍ରାପ୍ତ ହୁଅ । ଏତେବେଳକୁ ଦ୍ୱାରପାଳଙ୍କ ଚେତା ପଶିଲା । ସେମାନେ ଜାଣିଥିଲେ ବ୍ରହ୍ମ ଅଭିଶାପରୁ ମୁକ୍ତି ନାହିଁ ଏଣୁ ପ୍ରର୍ଥନା କଲେ ହେ ବ୍ରହ୍ମନ ! ଆପଣମାନେ ତ ପରମ ଦୟାଳୁ, ଆମ୍ଭ ଭୁଲର ଦଣ୍ଡ ପାଇବାକୁ ଆମ୍ଭେ ସମ୍ମତ କିନ୍ତୁ ଏତିକି ଦୟା କରନ୍ତୁ ଆମେ ସେହି ଜନ୍ମରେ ମଧ୍ୟ ପରମାରାଧ ଭଗବାନଙ୍କ ସ୍ମୃତି ଯେପରି ବିଚ୍ଛିନ୍ନ ନହେଉ । ସ୍ୱୟଂ ଲକ୍ଷ୍ମୀନାରାୟଣ ସେଠାରେ ଉପସ୍ଥିତ ହେବାରୁ ଋଷିମାନେ ଭଗବାନଙ୍କର ସ୍ତୁତି କଲେ ।

୧୬ଶ ଅଧ୍ୟାୟ

।। ଜୟ ବିଜୟଙ୍କ ପତନ ।।

ଭଗବାନ ପ୍ରସନ୍ନ ହୋଇ କହିଲେ, ମୁନିଗଣ ! ଜୟ ବିଜୟ ନାମଧାରୀ ଏ ଦୁଇ ଭୃତ୍ୟ ଯାହା କରିଛନ୍ତି ତାହା ମୋ ନିଜର ଆତ୍ମକୃତ ଅପରାଧ ବୋଲି ମୁଁ ମନେ କରେ । ମୋର କୀର୍ତ୍ତିଗାଥା ପ୍ରଚାରକ ମୁନି,ଋଷି, ବ୍ରାହ୍ମଣମାନେ ମୋର ପରମାରାଧ । ବ୍ରାହ୍ମଣମାନେ ମୋର ସେବା କରୁଥିବାରୁ ମୋର ପଦରଜ ଏତେ ପବିତ୍ର । ମୁଁ ବ୍ରାହ୍ମଣଙ୍କ ପୂଜାରେ ଏତେ ସନ୍ତୁଷ୍ଟ ଯେ ସ୍ୱୟଂ ଲକ୍ଷ୍ମୀଙ୍କ ପ୍ରତି ଉଦାସୀନ ରହେ । ବ୍ରାହ୍ମଣ ମୁଖରେ ମୁଁ ଭୋଜନ କରିଥାଏ । ସେମାନଙ୍କ ଭୋଜନରେ ମୁଁ ଯେତିକି ତୃପ୍ତ ହୁଏ ଆହୂତିରେ ସେତିକି ହୁଏ ନାହିଁ । ବ୍ରାହ୍ମଣଙ୍କ ଅପମାନ ମୁଁ କେବେ ବି ସହି ପରିବି ନାହିଁ ହେଲେ ଏ ଦୁଇଜଣ ମୋର ଏକାନ୍ତ ଅନୁଗତ ହୋଇଥିବାରୁ ଏପରି କରନ୍ତୁ ଯେମିତି ସେମାନେ ଶୀଘ୍ର ମୋ ନିକଟକୁ ଫେରିଆସନ୍ତୁ । ମୁନିମାନେ କହିଲେ, ହେ ପ୍ରଭୁ ! ଆପଣ ବିଶ୍ୱନିୟନ୍ତା, ସର୍ବଶକ୍ତିମାନ ହୋଇ ମଧ୍ୟ ଆପଣଙ୍କ ବିନୟ-ମଧୁର ଭାବ ସାରା ବିଶ୍ୱରେ ଅନୁକରଣୀୟ । ଆମ୍ଭେମାନେ ଆପଣଙ୍କ ଇଚ୍ଛାର ନିମିତ୍ତମାତ୍ର । କ୍ରୋଧ ପରବଶ ହୋଇ ଆମେ ମାନେ କ୍ଷଣିକ ଉତ୍ତେଜନାର ଯେଉଁ କର୍ମ କଲୁ ସେଥି ନିମିତ୍ତ ଆମ୍ଭେମାନେ ଅନୁତପ୍ତ, ଚାହାଁନ୍ତି ତ ଆମ୍ଭଙ୍କୁ ଦଣ୍ଡ ପ୍ରଦାନ କରନ୍ତୁ । ଭଗବାନ କହିଲେ, ତୁମେମାନେ ଚିନ୍ତିତ ହୁଅ ନାହିଁ । ଏ ଦୁହେଁ ଅବିଳମ୍ବେ ଅସୁର ଯୋନିରେ ଜନ୍ମନେଇ ମୋ ପ୍ରତି ଶତ୍ରୁତା କରିବେ । ମୋର ବିଦ୍ୱେଷ ଭାବ ଯୋଗୁଁ ସର୍ବଦା ଏମାନେ ମୋତେ ହିଁ ସ୍ମରଣ କରିବେ । ତେଣୁ ଖୁବ ଶୀଘ୍ର ସେମାନେ ବୈକୁଣ୍ଠକୁ ପ୍ରତ୍ୟାବର୍ତ୍ତନ କରିବେ । ତୁମ୍ଭମାନଙ୍କ ଅଭିଶାପ ହିଁ ମୋର ଇଚ୍ଛାଥିଲା ବୋଲି ଜାଣ । ଭଗବାନଙ୍କର ସେହି ଦ୍ୱାରପାଳ ଦିତିଙ୍କ ଗର୍ଭରୁ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ ନାମରେ ଜନ୍ମନେବେ ବୋଲି ବ୍ରହ୍ମାଙ୍କ ମୁହଁରୁ ଶୁଣି ଦିଗପାଳମାନେ ପ୍ରତ୍ୟାବର୍ତ୍ତନ କଲେ ।

୧୭ ଶ ଅଧ୍ୟାୟ

।। ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କ ଜନ୍ମ ତଥା ହିରଣ୍ୟାକ୍ଷଙ୍କ ଦିଗବିଜୟ ।।

ଯଥା ସମୟରେ ଦିତିଙ୍କ ଗର୍ଭରୁ ଦୁଇଟି ତେଜୀୟାନ ପୁତ୍ର ଜନ୍ମନେଲେ । ସେ ସମୟରେ ବହୁ ଅଶୁଭ ସଂକେତମାନ ତିନିଲୋକରେ ଦେଖାଦେଲା । ଭୂମଣ୍ଡଳ ପ୍ରକମ୍ପିତ ହେବା ସହ ଦିଗମାନେ ବିଚ୍ଛୁରୁତ ହେଲେ । ଆକାଶରୁ ଉଲକା ପଡିବା, ଧୂମକେତୁ ଉଦିତ ହେବା, ଆକାଶରେ ହଠାତ୍ ମେଘ ଆସିବା ସହ ବିଦ୍ୟୁତ ଚମକିବା, ସୂର୍ଯ୍ୟ ନିଷ୍ପ୍ରଭ ହୋଇଯିବା, ସମୁଦ୍ରର ଜୁଆର ବଢି ବହୁ ସ୍ଥଳଭାଗ ମାଡିଯିବା, ଚନ୍ଦ୍ରସୂର୍ଯ୍ୟ ରାହୁଗ୍ରସ୍ତ ହେବାଭଳି ପରିଦୃଶ୍ୟ ହେବା, ପର୍ବତ ଗୁମ୍ଫାରୁ ରଥ ଚାଳନା ଶବ୍ଦ ଶୁଣାଯିବା, ବିନା ପବନରେ ବଡବଡ ଗଛ ଉପୁଡିପଡିବା, କୁକୁରମାନେ ଉପରକୁ ମୁହଁ କରି ବିଳାପ କରବା, ଗଧ ସବୁ ଇତସ୍ତତଃ ଦୌଡି ବୁଲିବା, ପକ୍ଷୀମାନେ ବ୍ୟାକୁଳ ହୋଇ ରାବ କରିବା, ଗୋଷ୍ଠ ମଧ୍ୟରେ ଗୋ-ମହିଷାଦି ପଶୁ ଭୟଭୀତ ହୋଇ ମଳ ତ୍ୟାଗ କରିବା, ଗାଭୀମାନଙ୍କ ପହ୍ନାରୁ କ୍ଷୀର ପରିବର୍ତ୍ତେ ରକ୍ତ ବାହାରିବା ଇତ୍ୟାଦି ଖରାପ ଲକ୍ଷଣ ଦେଖି ମୁନିମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭୟଭୀତ ହେଲେ । ଦୁଇଭାଇ କ୍ରମେ ବଢିବାକୁ ଲାଗିଲେ । ସେମାନଙ୍କ ପଦାଘାତରେ ଭୂତଳ କମ୍ପିତ ହେଲା, ସୂର୍ଯ୍ୟ ତେଜ ସେମାନଙ୍କ ସାମ୍ନାରେ ନିଷ୍ପ୍ରଭ ଲାଗିଲା । ହିରଣ୍ୟାକ୍ଷ ସହିତ ଯୁଦ୍ଧରେ ଇନ୍ଦ୍ର ସମକକ୍ଷ ହୋଇନପାରି ପଳାୟନ କଲେ । ଏହାପରେ ସେ ଦୈତ୍ୟ ସମୁଦ୍ରକୁ ପଶି ସେଠାରେ ଦେବତାମାନଙ୍କୁ ବ୍ୟଙ୍ଗ, ବିଦ୍ରୂପ କରିବା ସହ ଯୁଦ୍ଧ ନିମିତ୍ତ ଆହ୍ୱାନ ଦେଲା । ଦେବତାମାନେ କହିଲେ ତୁମର ସମକକ୍ଷ ଯୋଦ୍ଧା ହେଉଛନ୍ତି ବିଷ୍ଣୁ । ଯୁଦ୍ଧ ନିମନ୍ତେ ତାଙ୍କ ନିକଟକୁ ଯାଅ ।

୧୮ ଶ ଅଧ୍ୟାୟ

।। ହିରଣ୍ୟାକ୍ଷର ବରାହ ଭଗବାନଙ୍କ ସହ ଯୁଦ୍ଧ ।।

ଦୈତ୍ୟ ଦେବତାମାନଙ୍କ ଉଦ୍ଦେଶ୍ୟ ବୁଝି ନପାରି ମହର୍ଷି ନାରଦଙ୍କଠାରୁ ଭଗବାନଙ୍କର ସନ୍ଧାନ ନେଇ ରସାତଳରେ ପହଞ୍ଚିଲା । ସେଠାରେ ସେ ଦେଖିଲା ବରାହରୂପୀ ଭଗବାନ ଦନ୍ତାଗ୍ରେ ପୃଥିବୀକୁ ଧାରଣ କରି ଉଠି ଆସୁଛନ୍ତି । ସେ ଭଗବାନଙ୍କୁ ନାନା କଟୁ ମନ୍ତବ୍ୟ କହିଲ । ଭଗବାନ ତାହା ଶୁଣି ନ ଶୁଣିବା ପରି ପ୍ରଥମେ ଜଳ ମଧ୍ୟରୁ ନିର୍ଗତ ହୋଇ ପୃଥିବୀକୁ ଜଳର ଉପରିଭାଗରେ ସ୍ଥାପନ କରି ପନର୍ବାର ଜଳକୁ ଫେରିଗଲେ । ହିରଣ୍ୟାକ୍ଷ ସେତେବେଳେ ପଶ୍ଚାତଧାବନ କରୁଥିବାରୁ ତାକୁ ଆହ୍ୱାନ ଦେଲେ ଆମେ ସିନା ଜଳଚର ଜୀବ ବରାହ କିନ୍ତୁ ତୁ କୁକୁର ଭଳି ପଶ୍ଚାତଧାବନ କରୁଛୁ କାହିଁକି ? ମୁଁ କ'ଣ ତୋ ସହ ଯୁଦ୍ଧରେ ସମକକ୍ଷ ! ତେବେ ତୁ ଯେତେବେଳେ ନିର୍ଣ୍ଣୟ କରିସାରିଛୁ ଆ ମୋତେ ଯୁଦ୍ଧରେ ମାରି ତୋ ଆତ୍ମୀୟମାନଙ୍କୁ ସୁରକ୍ଷିତ କର । ଗଦାଯୁଦ୍ଧରେ ଦକ୍ଷ ହିରଣ୍ୟାକ୍ଷ ଖୁବ ଯୋରରେ ପ୍ରଭୁଙ୍କ ଛାତିରେ ପଦାଘାତ କଲା । ଭଗବାନ ତତକ୍ଷଣାତ୍ ନିଜକୁ କ୍ଷିପ୍ରଗତିରେ ବୁଲିଯାଇ ଦୈତ୍ୟର ପ୍ରହାର ନିଷ୍ଫଳ କରିଦେଲେ । ଏହିଭଳି ଦୈତ୍ୟର ସମସ୍ତ ପ୍ରହାରକୁ ନିଷ୍ଫଳ କରି ତାକୁ କ୍ଳାନ୍ତ କରାଇପକାଇଲେ । ଅବଶେଷରେ ଗଦାଯୁଦ୍ଧରେ ଉଭୟ ପରସ୍ପରକୁ ଆଘାତ କରି କ୍ଷତାକ୍ତ ହେଲେ । ଏହି ଯୁଦ୍ଧକୁ ଦେଖୁଥିବା ବ୍ରହ୍ମା କହିଲେ ପ୍ରଭୁ ! ଏହି ଅହଂକାରୀ ଦୈତ୍ୟକୁ ଶୀଘ୍ର ବଧ କରନ୍ତୁ ।      (କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ସ୍ଲିମ ହେବା ପାଇଁ ଯିବାକୁ ପଡ଼ିବନି ଜିମ୍



ସ୍ଲିମ ହେବାକୁ ବା ସୁନ୍ଦର ଦେଖାଯିବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ହେଲେ ଏଥିରେ ବାଧକ ସାଜିଥାଏ ମୋଟାପଣ। କେମିତି ଓଜନ କମିବ ସେଥିପାଇଁ କରିବାକୁ ପଡ଼ିଥାଏ ଅନେକ ପରିଶ୍ରମ ଆଉଉପାୟ। ପ୍ରିୟ ଖଶଦ୍ୟକୁ ଗୁଡ଼ବାଏ କହିବାକୁ ପଡ଼େ। ନୀତି ସକାଳୁ ଜିମରେ କସରତ କରିବାକୁ ପଡ଼େ। ଏମକିତି କିଛିଦିନ ଚଳିବାପରେ ଯାଇ ପରଫେକ୍ଟ ଲୁକ ମିଳେ ବୋଲି ଅନେକଙ୍କ ବିଶ୍ୱାସ। କିନ୍ତୁ କିଛି ଘରୋଇ ଉପଚାର ଅଛି ଯାହା ଆପଣାଇଲେ ଆଉ ଜିମ ଯିବାକୁ ପଡ଼ିବନି, କି ପ୍ରିୟ ଖାଦ୍ୟରୁ ଦୂରେଇ ରାହିବାକୁ ପଡ଼ିବନି। ଆଉ ଏହି ଉର୍ପା ଆପଣଙ୍କୁ ପରଫେକ୍ଟ ଲୁକ ଦେବ।

**ଦିନକୁ ୩/୪ଲିଟର ପାଣି:** ସାଧାରଣତଃ ଖାଦ୍ୟ ରୁଚିରେ ପରିବର୍ତ୍ତନ, ଜିମରେ କସରତକୁ ଛାଡ଼ି ପ୍ରତିଦିନ ଆବଶ୍ୟକ ପରିମାଣରେ ପାଣି ପିଇବା ଜଣେ ସୁସ୍ଥ ମଣିଷ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଦିନକୁ ପ୍ରାୟ ୩ ରୁ ୪ଲିଟରର ପର୍ଯ୍ୟନ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀର କେବେବି ମେଦବହୁଳତାର ଶିକାର ହେବନାହିଁ।

**ପଇଡ଼ପାଣି:** ଭାରତୀୟମାନଙ୍କ ପାରମ୍ପରିକ ଖାଦ୍ୟ ସାରଣୀରେ ପଇଡ଼ ଏକ ସାଧାରଣ ନାଁ। ହେଲେ ପଇଡ଼ ପାଣି ଯେ ବହୁତ



ଉପକାରୀ ତାହା କେତେକ ଜାଣି ନଥିବେ। ପଇଡ଼ ପାଣି ପିଇବା ଦ୍ୱାରା ପେଟ କମିବା ସହ ଶରୀରରେ ଫ୍ୟାଟର ପରିମାଣ ଧୀରେ ଧୀରେ ସନ୍ତୁଳିତ ଅବସ୍ଥାକୁ



ଚାଲିଆସିଥାଏ।

**ହଳଦୀ ମିଶ୍ରିତ ଲେମନ ଟି:** ଚୁଟକିରେ ମୋଟାପଣ କମାଇବାକୁ ଏହି ପାନୀୟ ବେଶ୍ ଉପଯୋଗୀ। ଚିମୁଟାଏ ହଳଦୀ ଗୁଣ୍ଡ, ଚା ପତି ଓ ଡାଲଚିନି ଗୁଣ୍ଡକୁ ପାଣିରେ ପକାଇ କିଛି ସମୟ ଫୁଟେଇବା ପରେ ଏଥିରେ ଲେମ୍ବୁ ଚିପୁଡ଼ି ପିଇବାକୁ ପଡ଼ିଥାଏ। ନିୟମିତ ଭାବେ ଏହି ଚା' ପିଇବା ଦ୍ୱାରା ଆପଣ ସବୁଦିନ ସ୍ଲିମ, ଟ୍ରିମ ରହିପାରିବେ।

**ପରିବା ଜୁସ:** ଫଳ ରସ ଓ ଜୁସରେ ସୁଗାର ମାତ୍ରା ଅଧିକ ରହିଥିବାରୁ ଏହାକୁ ବ୍ୟବହାର କରିବା ଅପେକ୍ଷା ଗାଜ, ମୂଳା, ବିଟ ଭଳି ପରିବା ରସ ପିଇବା ମଧ୍ୟ ଶରୀର ପ୍ରତି ବେଶ ଭଲ। ଏହାକୁ ସେବନ କରିବା ଦ୍ୱାରା ଶରୀରକୁ ଭରପୁର ମାତ୍ରାରେ ଭିଟାମିନ ଓ ମିନେରାଲ୍ସ ମିଳିଥାଏ ଓ ଏହାର ସେବନ ମୋଟାପା ବଢ଼ାଇବାକୁ ଦେଇ ନଥାଏ।

# ଅନଲାଇନ୍ ଫୁଡ୍‌ରେ ରହିଛି ଅନେକ ସମସ୍ୟା: ଅଭ୍ୟାସରେ କରନ୍ତୁ ପରିବର୍ତ୍ତନ

**ଟେକ୍ନୋଲୋଜି ଆମ ଜୀବନକୁ ଖୁବ୍ ସହଜ କରିଛି । ଯେଉଁଥିପାଇଁ କୁଆଡେ ଯା'ଆସ କରିବା ସମୟରେ ଆମକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁନି । ଆପ୍ ଜରିଆରେ କ୍ୟାବ୍ ବୁକ୍ କରି ଦେଲେ ତୁରନ୍ତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଉଛେ । ଏପରିକି ପାଖରେ ଟଙ୍କା ନଥିଲେ ମଧ ଚିନ୍ତା ନାହିଁ । ଠିକ୍ ସେହିପରି ଅନଲାଇନ୍‌ରେ ଫୁଡ୍ ଅର୍ଡର ସହଜ କିନ୍ତୁ ଏଥିରେ ସମସ୍ୟା ଅନେକ ରହିଛି । ଅନ୍‌ଲାଇନ୍ ଫୁଡ୍ ଅର୍ଡର ବହୁତ ଭଲ ବ୍ୟବସ୍ଥା, ଯାହା ସାହାଯ୍ୟରେ ଲୋକମାନେ ଘରେ ବସି ନିଜ ପସନ୍ଦର ଖାଦ୍ୟ ଖାଇପାରୁଛନ୍ତି । ପୂର୍ବରୁ ଲୋକମାନେ ଖାଦ୍ୟର ଅର୍ଡର କେବଳ ଅସୁବିଧା ସମୟରେ ହିଁ କରୁଥିଲେ। କିନ୍ତୁ ଏବେ ଏହା ଧୀରେ ଧୀରେ ଲୋକମାନଙ୍କର ଅଭ୍ୟାସରେ ପରିଣତ ହେବାକୁ ବସିଲାଣି । ଯେତେବେଳେ ମନ ହେଲା ମୋବାଇଲ୍‌ରେ ଫଟାଫଟ୍ ଖାଦ୍ୟ ଅର୍ଡର କରି ଦେଉଛନ୍ତି । ଏହି ଅଭ୍ୟାସ କ୍ରମଶଃ ଲୋକମାନଙ୍କର ନିଶା ହେବାରେ ଲାଗିଛି । ଏପରିକି ଲୋକମାନେ ନିଜର ବଢୁଥିବା ଓଜନ ଓ ପାଚନତନ୍ତ୍ରଜନିତ ସମସ୍ୟାକୁ ମଧ ନଜରଅନ୍ଦାଜ୍ କରିବାକୁ ପଛାଉ ନାହାନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଲୋକଙ୍କର ଏହି ଅଭ୍ୟାସ କେବଳ ଶାରିରୀକ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପକାଇଥାଏ । ପୋଷଣ ଦୃଷ୍ଟିରୁ ଖରାପ- ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍, ପ୍ରୋସେସଡ୍ ସ୍ନାକ୍ସ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ହୋଇଥାଏ । ସମୟ ସହିତ ଲୋକଙ୍କର ଏହି ନିର୍ଭରଶୀଳତା ଯୋଗୁ ଅସନ୍ତୁଳିତ ଡାଏଟ୍‌ର ମାତ୍ରା କ୍ରମଶଃ ବଢିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ ଓ ପୋଷକ ତତ୍ତ୍ୱର ଅଭାବ ହେବାର ଆଶଙ୍କା ବଢିପାରେ।**



*ବଢୁଥିବା ଓଜନ ଓ ମୋଟାପଣ –* ଅଧିକ କ୍ୟାଲୋରୀଯୁକ୍ତ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢାଇବା ସହିତ ମୋଟାପଣ ବଢାଇଥାଏ । ଏଥିରେ ଅସ୍ୱାସ୍ଥ୍ୟକର ଫ୍ୟାଟ୍ସ, ଶର୍କରା ଓ ସୋଡିୟମ୍‌ର ମାତ୍ରା ଅଧିକ ରହିଥାଏ, ଯାହାଦ୍ୱାରା ମେଟାବଲିଜିମ୍ ବିଗିଡିପାରେ । ଏହାବ୍ୟତୀତ ଶରୀରରେ ଆବଶ୍ୟକତାଠାରୁ ଅଧିକ ଫ୍ୟାଟ୍ ଜମା ହୋଇପାରେ ।

*ହୃଦ୍‌ଘାତଜନିତ ସମସ୍ୟା –* ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦ୍‌ଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢିପାରେ, ଯାହା ମଧ୍ୟରେ ରହିଥାଏ ରକ୍ତଚାପ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ଆଦି । ଆବଶ୍ୟକଠାରୁ ଅଧିକ ଫ୍ରାଏଡ୍ ଓ ପ୍ରୋସେସଡ୍ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟେରଲ୍ ସ୍ତର ବଢିବା ସହ ଧମନୀରେ ପ୍ଲାକ୍ ଜମା ହେବାର ଆଶଙ୍କା ବଢିଥାଏ ।

*ପାଚନ ତନ୍ତ୍ରରେ ସମସ୍ୟା –* ଅନ୍‌ଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ । ଫଳରେ ପାଚନକ୍ରିୟାରେ ସମସ୍ୟା ସୃଷ୍ଟି ହୋଇଥାଏ । ଯେପରିକି କବ୍ଜ, ବାରମ୍ବାର ବାନ୍ତି ଲାଗିବା ଓ ଅନିୟମିତ ବାଉଲ୍ ମୁଭମେଣ୍ଟ୍ ଆଦି।

*ରକ୍ତରେ ଶର୍କରାର ଅସନ୍ତୁଳନ-* ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରା ସ୍ତରକୁ କେବେ ଅଧିକ ତ କେତେ କମ୍ କରି ଦେଇଥାଏ । ଏହାଦ୍ୱାରା ଧୀରେ ଧୀରେ ଇନ୍‌ସୁଲିନ୍ ସୃଷ୍ଟିରେ ବ୍ୟତିକ୍ରମ ଦେଖା ଦେଇଥାଏ । ଫଳରେ ଟାଇପ୍-୨ ମଧୁମେହ ଓ ମେଟାବଲିଜିମ୍‌ଜନିତ ସମସ୍ୟା ଦେଖା ଦେଇପାରେ ।

*ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ-* ଖାଦ୍ୟ ଅର୍ଡର କରିବା ଅଭ୍ୟାସର ନକାରାତ୍ମକ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡିପାରେ । କଥାରେ ଅଛି ଯେମିତି ଖାଦ୍ୟ, ସେମିତି ମନ ଅର୍ଥାତ୍ ସାଦା ଖାଦ୍ୟ ଉଭୟ ଶରୀର ଓ ମସ୍ତିଷ୍କ ପାଇଁ ଭଲ ହୋଇଥାଏ । ସେହିପରି ଅତ୍ୟଧିକ ଛଣା ଓ ତୈଳାକ୍ତ ଖାଦ୍ୟ ଖାଇବା ମଧ ଶରୀର ଉପରେ କୁପ୍ରଭାବ ପକାଇଥାଏ । ଯାହାଦ୍ୱାରା ଚିନ୍ତା ଓ ଅବସାଦ ବଢିବାରେ ଆଶଙ୍କା ରହିଥାଏ ।

*ଆର୍ଥିକ ଅଭାବ-* ସବୁବେଳେ ଖାଦ୍ୟ ଅର୍ଡର କରିବା ଦ୍ୱାରା ପରିବାରରେ ଆର୍ଥିକ ଖର୍ଚ୍ଚ ବଢିଥାଏ । ଫଳରେ ଘରର ବଜେଟ୍ ବିଗିଡ଼ି ଯାଇପାରେ । ଖାଦ୍ୟ ଅର୍ଡର କରି ଖାଇବା ଦ୍ୱାରା ରାସନ୍ ପାଇଁ ହେବାକୁ ଥିବା ଖର୍ଚ୍ଚ ବହୁ ମାତ୍ରାରେ ବଢିଥାଏ । ଏହା ଆର୍ଥିକ ଚିନ୍ତା ବଢାଇବା ସହ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

*ପରିବେଶ ଉପରେ ପ୍ରଭାବ-* ଫୁଡ୍ ଅର୍ଡର ସହ ପ୍ୟାକେଜିଂ ଓ ୱେଷ୍ଟ ଯୋଡ଼ି ହୋଇଥାଏ, ଯାହା ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ଅଧିକ ଖାଦ୍ୟର ଅର୍ଡର ଯୋଗୁ ପରିବେଶରେ ପ୍ଲାଷ୍ଟିକ୍ ଓ ପ୍ରଦୂଷଣ ଜନିତ ସମସ୍ୟା ମଧ ବଢିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜି-୭ ଓ ଭାରତ ଏବଂ ୟୁକ୍ରେନ୍‌ର ଲାଭ...

ଭାରତର ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦୀଙ୍କର ତୃତୀୟ ଥର ଶାସନକୁ ଆସିବା ବିଷୟରେ ଅନେକ କିଛି କୁହାଯାଇପାରେ । ତେବେ ନିକଟରେ ବିଶ୍ୱର ଧନୀ ଜି-୭ ରାଷ୍ଟ୍ରମାନଙ୍କର ନେତାମାନଙ୍କ ସହିତ ଏବଂ ପୋପ୍‌ଙ୍କ ସହିତ ତାଙ୍କର ସାକ୍ଷାତ ଆଲୋଚନା ଦେଶ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ । ଏହିସବୁ ନେତାଙ୍କ ସହିତ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କର ପୂର୍ବରୁ ଥିବା ସମ୍ପର୍କ ବୈଠକରେ ଯୋଗ ଦେବା ପରେ ଅଧିକ ନିବିଡ଼ ହୋଇଛି, ଯାହା ସେମାନଙ୍କ ସାଙ୍ଗରେ ଇଟାଲୀର ବୋର୍ଗେ ଏଗ୍‌ଜିଆ ବିଳାସପୂର୍ଣ୍ଣ ରିସର୍ଟରେ ଶ୍ରୀଯୁକ୍ତ ମୋଦୀଙ୍କ ସହିତ ଉଠା ଯାଇଥିବା ଫଟୋଗୁଡ଼ିକରୁ ଜଣା ପଡୁଛି, ଯେଉଁଠି ମୁକ୍ତ ବିଶ୍ୱର ଏହି ନେତାମାନେ ଏକାଠି ହୋଇଥିଲେ ଏବଂ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଭାରତ ଏହି ସମ୍ମିଳନୀରେ ଯୋଗ ଦେଇଥିବା ଅଂଶୀଦାର ଦେଶମାନଙ୍କ ମଧ୍ୟରୁ ଗୋଟିଏ ଥିଲା- ଅନ୍ୟମାନେ ଥିଲେ ସେନେଗାଲ, ଦକ୍ଷିଣ ଆଫ୍ରିକା ଏବଂ ଆର୍ଜେଣ୍ଟିନା ଏବଂ ଅନ୍ୟାନ୍ୟ ଦେଶମାନଙ୍କରୁ ମଧ୍ୟ ଅନେକ ଆମନ୍ତ୍ରିତ ଅତିଥି ଏଥିରେ ଯୋଗ ଦେଇଥିଲେ। ତେବେ ଏହା ଥିଲା ଆଉ ଏକ ସମ୍ମିଳନୀ ଯେଉଁଥରେ ପ୍ରଧାନମନ୍ତ୍ରୀ ନେତାମାନଙ୍କ ସହିତ ଭାବ ବିନିମୟ କାଳରେ ସେମାନଙ୍କୁ ସୂଚନା ଦେଇ ପାରିଥିଲେ ବର୍ତ୍ତମାନ ଅର୍ଥନୀତି ଦୃଷ୍ଟିରୁ ଶକ୍ତିଶାଳୀ ହୋଇ ପାରିଥିବା ଭାରତକୁ ସେମାନେ କେତେଦୂର ଏକ ଭାଗିଦାର ଏବଂ ମିତ୍ର ଭାବରେ ଗ୍ରହଣ କରି ପାରିବେ । ଲୋକସଭା ନିର୍ବାଚନରେ ନିଜ ଦଳ ସପକ୍ଷରେ ଜନାଦେଶରେ ହ୍ରାସ ଘଟିବାର ଏବଂ ମୋଦୀ ୩.୦ ସରକାରଙ୍କ ଉପରେ ଏହାର ଯେତେ ବି ବାଧବାଧକତା ଥାଉ ନା କାହିଁକି, ଏକଥା ସ୍ପଷ୍ଟ ଯେ ବିଦେଶରେ ମୋଦୀ ସରକାରଙ୍କର ବିଗତ ଦୁଇ ପାଳିର ଶାସନ ଭିତରେ ଭାରତର ଯେଉଁ ଭାବମୂର୍ତ୍ତି ତିଆରି ହୋଇଥିଲା, ତାହା ଏବେ ବି ସେହିଭଳି ରହିଛି ଏବଂ ଉପଯୋଗୀ ରହିଛି ମଧ୍ୟ । ଏକଥା ସ୍ପଷ୍ଟ ହୋଇଛି ଭାରତ-ୟୁରୋପ୍ କରିଡର ଉପରେ ପ୍ରଦାନ କରାଯାଇଥିବା ଗୁରୁତ୍ୱାରୋପରୁ, ଯାହା ଆନୁଷ୍ଠାନିକ ଭାବରେ ଭାରତ- ମଧ୍ୟପ୍ରାଚ୍ୟ- ୟୁରୋପ୍ ଅର୍ଥନୀତିକ କରିଡର (ଆଇଏମ୍‌ଇସି) ଭାବରେ ପରିଚିତ । ସ୍ମରଣ କରାଇ ଦିଆଯାଇପାରେ କି, ଗତ ବର୍ଷ ଭାରତରେ ଆୟୋଜିତ ଜି-୨୦ ସମ୍ମିଳନୀ କାଳରେ ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା ଏବଂ ଏବେ ଏହାକୁ ପଶ୍ଚିମ ଏସିଆରେ ଅଶାନ୍ତ ବାତାବରଣ ଲାଗି ରହିଥିବା ସତ୍ତ୍ୱେ କାର୍ଯ୍ୟକାରୀ କରିବା ନିମନ୍ତେ ରଣକୌଶଳପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠାରେ ଉନ୍ନତି ଘଟାଇବାକୁ ସ୍ଥିର କରାଯିବା ଅବଶ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯିବ। ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ କାଳରେ ଅନ୍ୟ ଦୁଇଗୋଟି ସକାରାତ୍ମକ ଉଲ୍ଲେଖନୀୟ ପ୍ରସଙ୍ଗ ମଧ୍ୟରେ ରହିଛି ସମ୍ମିଳନୀକୁ ଆତିଥେୟତା ପ୍ରଦାନ କରିଥିବା ରାଷ୍ଟ୍ର ଇଟାଲୀର ପ୍ରଧାନମନ୍ତ୍ରୀ ସୁଶ୍ରୀ ଜିଓର୍ଜିଆ ମେଲୋନୀଙ୍କ ସହିତ ସାକ୍ଷାତ ସମୟରେ ତଥା ଏକ କେନ୍ଦ୍ରୀୟ ସ୍ଥାନରେ 'ପରିବାର ଫଟୋ ଅପ୍'ରେ ଫଟୋ ଉଠାଇବା ଏବଂ ପୋପ୍ ଫ୍ରାନ୍‌ସିସ୍‌ଙ୍କ ସଙ୍ଗେ ଏକ ଆତ୍ମୀୟତାପୂର୍ଣ୍ଣ ସାକ୍ଷାତକାର । ଏହି ଦୁଇଦିନିଆ ସମ୍ମିଳନୀ ବୈଠକ ପରେ ବୈଠକ ଏବଂ ଦ୍ୱିପାକ୍ଷିକ କାର୍ଯ୍ୟକଳାପକୁ ନେଇ ଏତେ ବ୍ୟସ୍ତ ବହୁଳ ଥିଲା ଯେ ପ୍ରଧାନମନ୍ତ୍ରୀ ମୋଦୀ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହିତ କେବଳ କରମର୍ଦ୍ଦନ କରିବା ଏବଂ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କୁ ଅଭିବାଦନ ଜଣାଇବାକୁ ସୁଯୋଗ ପାଇଥିଲେ। କାନାଡା ସହିତ ଭାରତର ସମ୍ପର୍କ ପରିପ୍ରେକ୍ଷୀରେ ଏହି ଅବସରରେ ଯଦି କିଛି ଅଧିକ ଆଲୋଚନା ହୋଇ ପାରିଥାନ୍ତା, ତା'ହେଲେ ହୁଏତ ଦୁଇ ଦେଶ ମଧ୍ୟରେ ରହିଥିବା ତିକ୍ତତାର ଅବସାନ ଘଟିବା ଆଶା ସଂଚାର ହୋଇ ପାରିଥାନ୍ତା । ତେବେ ଚଳିତ ଥରର ଜି-୭ ବୈଠକରେ ଏକ ସହମତି ପ୍ରକାଶ ପାଇଛି ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ଯାହା ୟୁରୋପର ବ୍ୟାଙ୍କଗୁଡ଼ିକରେ ଜବତ କରାଯାଇଥିବା ରୁଷୀୟ ଅର୍ଥ ୩୨୫ ବିଲିଅନ୍ ଡଲାରରୁ ୫୦ ବିଲିଅନ୍ ଡଲାର ସୁଧ ଉଠାଇ ୟୁକ୍ରେନ୍‌କୁ ପ୍ରଦାନ କରାଯିବାକୁ ରୁଷିଆ ସୈନ୍ୟମାନଙ୍କର ମୁକାବିଲା କରିବା ପାଇଁ । ଶ୍ରୀଯୁକ୍ତ ଜେଲେନ୍ ମଧ୍ୟ ଆମେରିକୀୟ ରାଷ୍ଟ୍ରପତିଙ୍କ ସହିତ ଏକ ୧୦ ବର୍ଷିଆ ସୁରକ୍ଷା କାରବାରରେ ସ୍ୱାକ୍ଷର କରିଥିଲେ, ଯାହା ବଳରେ ୱାଶିଂଟନ୍ ଏବଂ କିଭ୍ ୟୁକ୍ରେନ୍‌ର ପ୍ରତିରକ୍ଷା ଏବଂ ପ୍ରତିହତ କରିବାର ସାମର୍ଥ୍ୟକୁ ନିର୍ମାଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ମିଳିମିଶି କାର୍ଯ୍ୟ କରିବେ ତଥା ୟୁକ୍ରେନର ଅର୍ଥନୀତିକ ସୁରକ୍ଷା ପାଇଁ ମଧ୍ୟ କାର୍ଯ୍ୟ କରାଯିବ। ଅବଶ୍ୟ, ଏହାର ଜବତ କରାଯାଇଥିବା ଅର୍ଥ ଉପରୁ ୫୦ ବିଲିଅନ୍ ଡଲାରର ସୁଧ ଉଠାଯାଇ ଜି-୭ ସଦସ୍ୟ ରାଷ୍ଟ୍ରମାନେ ୟୁକ୍ରେନ୍‌କୁ ପ୍ରଦାନ କରିବା କାର୍ଯ୍ୟକୁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ 'ଅପହରଣ' ଭାବରେ ଦେଖୁଛନ୍ତି । ତେବେ ଏଥିପାଇଁ ସେ କେତେ ଆକ୍ରମଣାତ୍ମକ ହେବେ, ତାହା କହିବା ସହଜ ନୁହେଁ ।

# ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ




ଯଶସ୍ୱିନୀ ପଟ୍ଟନାୟକ


ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଏହା ଏକ ଆଧାତ୍ମିକ ବିଜ୍ଞାନ। ଯେଉଁ ବିଜ୍ଞାନ ଜୀବାତ୍ମା ଏବଂ ପରମାତ୍ମା ମିଳନର ଶିକ୍ଷା ପ୍ରଦାନ କରିଥାଏ। ଯୋଗର ଲକ୍ଷ୍ୟ ହେଉଛି - ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - 'ବ୍ରହ୍ମଦର୍ଶନ କରିବା ଓ ଈଶ୍ୱରଙ୍କ ମଧ୍ୟରେ ନିବାସ କରିବା ହେଉଛି ଯୋଗସାଧନାର ସାରକଥା।' ଏବେ ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହାର ଶକ୍ତି ସାମର୍ଥ୍ୟ ଏବଂ ଅଲୌକିକତା ଦ୍ୱାରା ସାଧାରଣ ଲୋକଙ୍କ ପରି ବୈଜ୍ଞାନିକଗଣ ମଧ୍ୟ ଆକର୍ଷିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ସେମାନେ କେବଳ ଯୋଗର ସ୍ଥୂଳ ଲାଭ ସହିତ ପରିଚିତ। ଯେଉଁଦିନ ଏହାର ସମସ୍ତ ସୂକ୍ଷ୍ମଲାଭ ସହିତ ପରିଚିତ ହେବେ, ସେ ଦିନ ଆଧାତ୍ମିକ ବିଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ଏ ଦୁଇ ବିଜ୍ଞାନର ମିଳିତ ସହଯୋଗରେ ଏକ ନୂତନ ବିଶ୍ୱର ଅଭ୍ୟୁଦୟ ହେବ ଏକଥା ସୁନିଶ୍ଚିତ। ଏବେ ଏଇ ଯୋଗବିଜ୍ଞାନର ରେକୀ, ପ୍ରାଣିକ ହିଲିଙ୍ଗ ଭଳି କେତୋଟି ପ୍ରଭାବଶାଳୀ ପଦ୍ଧତି ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି।

କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ଜପଯୋଗ, ରାଜଯୋଗ - ଏହି ଭଳି ଭାବେ ଯୋଗ ଅନେକ ପ୍ରକାର ଅଛି। ମହର୍ଷି ପତଞ୍ଜଳୀଙ୍କ ଯୋଗସୂତ୍ରରେ ରାଜଯୋଗ ସମ୍ବନ୍ଧରେ ପୂର୍ଣ୍ଣରୂପେ ତର୍ଜମା କରାଯାଇ ଯୋଗ ପଦ୍ଧତିକୁ ସୁବ୍ୟବସ୍ଥିତ ରୂପେ ବର୍ଣ୍ଣନା କରାଯାଇଛି ଏବଂ ସାଧକଙ୍କର ଅଗ୍ରଗତି ସମ୍ବନ୍ଧରେ ତାର ଆବଶ୍ୟକତା ପ୍ରତିପାଦିତ ହୋଇଛି। ରାଜଯୋଗ ହେଉଛି ବିଜ୍ଞାନ ସମ୍ମତ ଏବଂ ଦୃଢ଼ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ସଂକ୍ଷିପ୍ତ ତଥା ପ୍ରତ୍ୟକ୍ଷ ମୌଳିକ ପ୍ରଣାଳୀ। ଏହା ଯମ, ନିୟମ ଆଦି ବହିରଙ୍ଗ ଯୋଗ (ଆସନ, ପ୍ରାଣାୟାମ, ପ୍ରତ୍ୟାହାର) ଏବଂ ଅନ୍ତରଙ୍ଗ ଯୋଗ (ଧାରଣା, ଧ୍ୟାନ, ସମାଧି) ରୂପେ କ୍ରମବଦ୍ଧ ହୋଇଛି।

ମହର୍ଷି ପତଞ୍ଜଳୀଙ୍କ ମତରେ ଚିତ୍ତବୃତ୍ତିର ସଂଶୋଧନ ହେଉଛି ଯୋଗର ଉଦ୍ଦେଶ୍ୟ। ସେହିକଥାକୁ ଉପନିଷଦ ଭାଷାରେ ଉଲ୍ଲେଖ ରହିଛି 'ପଶୁପ୍ରବୃତ୍ତିକୁ ପରିବର୍ତ୍ତନ କରି ଦିବ୍ୟ ଆତ୍ମାର ସ୍ୱରୂପ ଦେବା ପ୍ରକ୍ରିୟାର ନାମ ଯୋଗ।' ମହର୍ଷି ଅରବିନ୍ଦ ଲେଖିଛନ୍ତି - 'ମନର ନିମ୍ନଗାମୀ ପ୍ରବୃତ୍ତିକୁ ଉର୍ଦ୍ଧ୍ୱଗାମୀ ଦିଗ ନିର୍ଦ୍ଦେଶ ଦେବା ଯୋଗର ଉଦ୍ଦେଶ୍ୟ।' ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - 'ପରମାତ୍ମାଙ୍କ ସହିତ ଯୋଗ ବା ମିଳନ ହିଁ ଜୀବନର ପରମ ଲକ୍ଷ୍ୟ । ଯୋଗ ସକଳ ଦୁଃଖକଷ୍ଟ ଏବଂ ସମସ୍ତ ଅଶାନ୍ତି ଦୂର କରେ। ଯୋଗ ଜନ୍ମମୃତ୍ୟୁ ରୂପକ ସଂସାର ଚକ୍ରରୁ ମୁକ୍ତି ଦିଏ। ଯୋଗଜ୍ଞାନ ମାଧ୍ୟମରେ ବିଭିନ୍ନ ସିଦ୍ଧି ଓ ମୁକ୍ତି ପ୍ରଦାନକାରୀ ଅମରତ୍ୱର ଅମୃତପାନ କରନ୍ତୁ ଏବଂ ଜଣେ ଯୋଗୀ ହୋଇଯାଆନ୍ତୁ।

ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - ଯେଉଁମାନେ ହୃଦୟଙ୍ଗମ କରିଛନ୍ତି ଯେ, ସଂସାରର ବିଷୟସୁଖ କ୍ଷଣଭଙ୍ଗୁର, ଭ୍ରାନ୍ତ, ଅନ୍ତଃସାରଶୂନ୍ୟ ଓ ଅସାର, କେବଳ ସେହିମାନେ ହିଁ ଯୋଗସାଧନା ପାଇଁ ଯୋଗ୍ୟ। ଯୋଗମାର୍ଗର ସାଧକ ନମ୍ର, ସାଧୁ, ସରଳ, ଭଦ୍ର, ଶିଷ୍ଟ, ସହନଶୀଳ, କାରୁଣିକ ଓ ଦୟାଳୁ ହେବା ଉଚିତ। ଧୈର୍ଯ୍ୟ, ଉତ୍ସାହ ଓ ଦୃଢ଼ ସଂକଳ୍ପବାଦ ବ୍ୟକ୍ତି ହିଁ ଏହି ମାର୍ଗରେ ଗତି କରିପାରନ୍ତି। ଯିଏ ନିଜର ଆରାମ ଓ ସୁଖକୁ ଉପେକ୍ଷା କରି ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ, ସେ ହେଉଛନ୍ତି ଆଧାତ୍ମମାର୍ଗର ଜଣେ ପ୍ରକୃତ ଉନ୍ନତ ସାଧକ। ଯେଉଁ ସାଧକଙ୍କ ଠାରେ ପରଦୋଷ ଦର୍ଶନ କରିବାର ଆଗ୍ରହ ଥାଏ, ଯେ ଦୁର୍ନୀତିପରାୟଣ ଓ ଅସଂଯତ ସେ ସାଧନାରେ ଉନ୍ନତି କରିପାରନ୍ତି ନାହିଁ। ଯାହାଙ୍କର ଗୁରୁବାକ୍ୟ ଏବଂ ଶାସ୍ତ୍ରରେ ଶ୍ରଦ୍ଧା ଥାଏ ସେହି ହିଁ ଏଥିପାଇଁ ଅଧିକାରୀ ସାଧକ।

ବର୍ତ୍ତମାନ ସର୍ବତ୍ର ଯୋଗ ପଦ୍ଧତିର ଆଲୋଚନା ହେଉଛି ଏବଂ ସେଥିରୁ ମିଳୁଥିବା ସ୍ଥୂଳଲାଭର ବିଶେଷ ବ୍ୟାଖ୍ୟା କରାଯାଉଛି। ଯୋଗ ବିଷୟରେ କହିବାବାଲା ଲୋକ ଏବଂ ଶୁଣିବା ବାଲା ଲୋକ କମ ନାହାନ୍ତି। ଅନେକ ବ୍ୟକ୍ତି ଯୋଗର ଆଦ୍ୟ ବର୍ଣ୍ଣମାଳା ନଜାଣି ଧ୍ୟାନ, ସମାଧି, ଚକ୍ରସାଧନ, କୁଣ୍ଡଳିନୀ ଜାଗରଣ ଆଦି କ୍ରିୟାରେ ହଠାତ୍ ହାତ ଦେଇଦେଉଛନ୍ତି। ଧ୍ୟାନ ହେଉଛି ଯୋଗସାଧନାର ସପ୍ତମ ସୋପାନ। ସେ ସୋପାନରେ ପହଞ୍ଚିବା ପୂର୍ବରୁ ସାଧକ ମୂଳରେ ଥିବା ଛଅଟି ପ୍ରାଥମିକ ସୋପାନ ଅତିକ୍ରମ କରିବା ଆବଶ୍ୟକ। ମହର୍ଷି ପତଞ୍ଜଳୀ ଏଥିପାଇଁ ପ୍ରଥମେ ଯମ ନିୟମ ଭଳି ଦୁଇଟି ସୋପାନ ରଖିଛନ୍ତି। ଯମ ନିୟମ ପରେ ଆସନ, ମୁଦ୍ରା, ବନ୍ଧ, ପ୍ରାଣାୟାମ, ତାପରେ କାହିଁ କେତେ ଦୂରରେ ଯାଇ ଧ୍ୟାନ, ସମାଧି, କୁଣ୍ଡଳିନୀ ଜାଗରଣର କଥା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ।ଆଜିକାଲି ଯୋଗ ନାମରେ ଏମିତି ଅନେକ ଭ୍ରାନ୍ତି ପ୍ରଚଳିତ। ସେ ଭ୍ରାନ୍ତିରୁ ମୁକ୍ତ ହେବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ। ଯୋଗ ଏକ ମହତ୍ତ୍ୱପୂର୍ଣ୍ଣ ବିଦ୍ୟା ଏବଂ ସାଧନା। ଏହାର ବାସ୍ତବ ରୂପକୁ ଜାଣି ଯୋଗ୍ୟ ସଦଗୁରୁଙ୍କ ମାର୍ଗଦର୍ଶନ ସାହାଯ୍ୟରେ ଅଭ୍ୟାସ କଲେ ଯେକୌଣସି ବ୍ୟକ୍ତି ସାଧାରଣ ଅବସ୍ଥାରୁ ଅସାଧାରଣ ହୋଇପାରେ।


+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ


# ଗୋ ସମ୍ପଦ ଏବଂ ଆମ ମାନସିକତା




ବିଷ୍ଣୁ ପ୍ରସାଦ ଦାସ


ପୃଥିବୀର ସବୁଠାରୁ ବେଶୀ ସଂଖ୍ୟାରେ ଗୋ ସମ୍ପଦ ଭାରତବର୍ଷରେ ଦେଖାଯାଏ, ଆମେମାନେ ଯଦି ଭାରତ ସହିତ ଅନ୍ୟ ଦେଶର ତୁଳନା କରିବା ତେବେ ଭାରତ ପଛକୁ ବ୍ରାଜିଲ ଏବଂ ଚୀନ ଦେଶ ଅଛନ୍ତି । ତେବେ ଦୁଗ୍ଧ ଜାତୀୟ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଭାରତ ପଛରେ ପଡିଯାଇଛି ଏହାର ପ୍ରମୁଖ କାରଣ ହେଉଛି ଭାରତର ଜନସଂଖ୍ୟା ସର୍ବାଧିକ ତେଣୁ ନିଜର ଚାହିଦା ପ୍ରଥମେ ଦେଖିବାକୁ ହୁଏ ତପ୍ରରେ ବିଦେଶକୁ ରପ୍ତାନି କଥା ଉଠୁଛି । ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ଏପରି ଗୋଟିଏ ଦେଶ ଅଛି ଯାହା ଗୋ ସମ୍ପଦର ଉପଯୁକ୍ତ ବିନିଯୋଗ କରି ବିଦେଶକୁ ଦୁଗ୍ଧ ଜାତୀୟ ସାମଗ୍ରୀ ରପ୍ତାନି କରି ଦେଶକୁ କୋଟି କୋଟି ବୈଦେଶିକ ମୁଦ୍ରା ଅର୍ଜନ କରିବାକୁ ସକ୍ଷମ ହୋଇ ପାରୁଛି ତେବେ ଏହି ଛୋଟ ଦେଶ ନ୍ୟୁ ଜିଲ୍ୟାଣ୍ଡ ବିଷୟରେ କିଛି ଆଲୋଚନା କରିବା ଯାହା ଦ୍ୱାରା ହୁଏତ ଆମ ଭାରତ ବର୍ଷରେ ମଧ୍ୟ ସେହି ପଦ୍ଧତି ପ୍ରୟୋଗ କରାଯାଇ ବୈଦେଶିକ ମୁଦ୍ରା ସଂଗ୍ରହ କରିବା ସମ୍ଭବ ହୋଇ ପାରିବ ।

କ୍ରମାନ୍ୱୟରେ ଯଦି ଗୋସମ୍ପଦ ଉପରେ ଆଲୋକପାତ କରିବା ତେବେ ୨୦୨୩ ସୁଦ୍ଧା ଗଣତି ହୋଇଥିବା ଗୋ ଜାତୀୟ ସମ୍ପଦର ଏକ ଆନୁମାନିକ ହିସାବ ଦିଆଗଲା -- ଭାରତରେ ୩୦୭ ୫୦୦ ୦୦୦, ବ୍ରାଜିଲ ୧୯୪ ୩୬୫ ୦୦୦, ଚୀନ ୧୦୧ ୫୦୦ ୦୦୦, ଯୁକ୍ତରାଷ୍ଟ୍ର ଆମେରିକା ୮୯ ୨୭୪ ୦୦୦, ୟୁରୋପୀୟ ଦେଶ ସମୂହ ୭୪ ୮୫୬ ୦୦୦, ଆର୍ଜେଣ୍ଟିନା ୫୩ ୧୨୦ ୦୦୦, ଅଷ୍ଟ୍ରେଲିଆ ୨୫ ୮୦୦ ୦୦୦, ମେକ୍ସିକୋ ୧୭ ୮୫୦ ୦୦୦, ରଷିଆ ୧୭ ୪୩୫ ୦୦୦, ଉରୁଗୁଏ ୧୧ ୭୪୦ ୦୦୦, କାନାଡ଼ା ୧୧ ୨୭୦ ୦୦୦, ନ୍ୟୁଜିଲ୍ୟାଣ୍ଡ ୧୦ ୯୬୫ ୦୦୦ (ବର୍ତ୍ତମାନ ଗୋସମ୍ପଦ ଏହାଠାରୁ ଅଧିକ) ଗୋ ସମ୍ପଦର ଅଧିକାରୀ ଅଟନ୍ତି।

ନିଉଜିଲ୍ୟାଣ୍ଡ ଦେଶର ଜନସଂଖ୍ୟା ପ୍ରାୟ ୫୨ ଲକ୍ଷ ଏବଂ ଆୟତନରେ ଏହା ଭାରତ ଠାରୁ ପ୍ରାୟ ୧୨ ଗୁଣ ଛୋଟ, ଜନସଂଖ୍ୟାଠାରୁ ସେମାନଙ୍କର ପଶୁ ସମ୍ପଦ ଅନେକ ବେଶୀ । ଦେଖିବାକୁ ଗଲେ ସେମାନଙ୍କ ପାଖରେ ଦୁଗ୍ଧ ଦେଉଥିବା ଗୋ ସମ୍ପଦ, ମାଂସ ପାଇଁ ଅଲଗା ଗୋ ସମ୍ପଦ ତଥା ହରିଣ, ମେଣ୍ଢା ଇତ୍ୟାଦି କୁ ଯଦି ହିସାବକୁ ନେବା ତେବେ ହୁଏତ ଏହା ୧୦ କୋଟିରୁ ଉର୍ଦ୍ଧ୍ୱ ହୋଇପାରେ। ଦେଶର ଅର୍ଥନୀତି ରପ୍ତାନି ଉପରେ ନିର୍ଭର କରେ, ଦେଶ ଯଦି ନିଜର ଚାହିଦା ମେଣ୍ଟାଇବା ପରେ ଯେ କୌଣସି ଦ୍ରବ୍ୟ ବିଦେଶକୁ ରପ୍ତାନି କରି ପାରିଲା ତେବେ ସେହି ଦେଶ ବୈଦେଶିକ ମୁଦ୍ରା ଅର୍ଜନ କରି ନିଜ ଦେଶକୁ ସମୃଦ୍ଧଶାଳୀ କରିଥାଏ। ତେବେ ଏଠାରେ ଆମେ ଯଦି ଦୁଗ୍ଧ ଜାତୀୟ ଦ୍ରବ୍ୟ ତଥା ଗୋ ମାଂସ/ ହରିଣ /ମେଣ୍ଢା ଏବଂ ଛେଳି ମାଂସ କଥା ଆଲୋଚନା କରିବା ତେବେ ଭାରତ ବର୍ଷ ବର୍ଷକୁ ପ୍ରାୟ ୫ ଲକ୍ଷ ୯୭ ହଜାର ଟନ ବିଦେଶକୁ ରପ୍ତାନି କରୁଥିବା ସମୟରେ ଆମଠାରୁ ଅନେକ ଛୋଟ ଦେଶ ନିଉଜିଲ୍ୟାଣ୍ଡ ପ୍ରାୟ ୧ କୋଟି ୮୭ ଲକ୍ଷ ଟନ ବିଦେଶକୁ ରପ୍ତାନି କରିବାରେ ସମର୍ଥ ହୋଇ ପାରିଛି ନିଉଜିଲ୍ୟାଣ୍ଡ ଦେଶର ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୨୦୦୧ ମସିହାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ଅୟମାରମ୍ଭ ହୋଇଥିଲା, ନିଉଜିଲ୍ୟାଣ୍ଡ ଦୁଗ୍ଧ ଉତ୍ପାଦନ ସଂଘ ଏବଂ କିୱି ସମବାୟ ଦୁଗ୍ଧ ଉତ୍ପାଦନ ସଙ୍ଘର ମିଶ୍ରଣରେ ଏକ ନୂତନ ସଂସ୍ଥାର ଜନ୍ମ ହୋଇଛି ଏହାର ନାମ 'ଫଣ୍ଟେରା' ସମବାୟ ସମିତି ଏହା ସମସ୍ତ ଛୋଟ ବଡ଼ ସମବାୟ ସମିତି ପାଇଁ ଏକମାତ୍ର ସ୍ୱୀକୃତି ପ୍ରାପ୍ତ ସଂସ୍ଥା ଅଟେ ଏବଂ ଏହା ଏକଚାଟିଆ ରପ୍ତାନି ପାଇଁ ସରକାରୀ ଅନୁମତି ପ୍ରାପ୍ତ । ପ୍ରାୟ ୧୯ ହଜାର କର୍ମଚାରୀଙ୍କୁ ନେଇ 'ଫଣ୍ଟେରା' ନିଜର କାର୍ଯ୍ୟ ଦକ୍ଷତା ତଥା ଉତ୍ପାଦିତ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ନିଉଜିଲ୍ୟାଣ୍ଡ ରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ପାରିଛି । ଏହି ସଂସ୍ଥାର ଅନେକ ଦେଶରେ ଶାଖା ମଧ୍ୟ ରହିଛି ତେବେ ନିଉଜିଲ୍ୟାଣ୍ଡ ରେ ଉତ୍ପାଦିତ ହେଉଥିବା ୯୫ ପ୍ରତିଶତ ଦୁଗ୍ଧ ଜାତ ଦ୍ରବ୍ୟ ପ୍ରାୟ ୧୪୦ ଗୋଟି ଦେଶକୁ ରପ୍ତାନି କରି ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ ।

ପ୍ରାୟ ୨୦୦ ବର୍ଷ ତଳେ ନିଉଜିଲ୍ୟାଣ୍ଡ ରେ ପ୍ରଥମ କରି ଗୋ ସମ୍ପଦ କୁ ବ୍ରିଟିଶ ମାନେ ଇଂଲଣ୍ଡ ରୁ ଆଣିଥିଲେ, ସେମାନେ ନିଉଜିଲ୍ୟାଣ୍ଡ ର ବିସ୍ତୀର୍ଣ୍ଣ ତୃଣ ଭୂମି ଏବଂ ଗୋ ସମ୍ପଦର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ଦେଖି ଗୋପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ସେହି ସମୟ ପରଠାରୁ ନିଉଜିଲ୍ୟାଣ୍ଡରେ ଗୋପାଳନ ସହିତ ମେଷ, ହରିଣ ଜାତୀୟ ପଶୁମାନଙ୍କୁ ମଧ୍ୟ ପାଳନ କରାଯାଇ ଦେଶର ଦୁଗ୍ଧ ତଥା ମାଂସ ଚାହିଦା ପୂରଣ କରିବା ସହିତ ବିଦେଶକୁ ରପ୍ତାନି କରିବାରେ ସହାୟ ହେଉଥିଲେ, ବ୍ରିଟିଶ ସରକାରଙ୍କର ଅଧୀନରେ ଥିବାରୁ ନିଉଜିଲ୍ୟାଣ୍ଡରୁ ଦୁଗ୍ଧ ଜାତୀୟ ଖାଦ୍ୟ/ ପାନୀୟ ଇଂଲଣ୍ଡକୁ ମଧ୍ୟ ରପ୍ତାନି ହେଉଥିଲା । ଯଦିଓ ଦେଖିବାକୁ ଗଲେ ଉତ୍ତର ୟୁରୋପର ଡ଼େନମାର୍କ ମଧ୍ୟ ଗୋସମ୍ପଦ ପାଇଁ ଖୁବ ଜଣାଶୁଣା ଥିଲା । ନିଉଜିଲ୍ୟାଣ୍ଡ ର ଆଦିମ ଅଧିବାସୀ ମାନଙ୍କୁ 'ମାଉରୀ' କୁହାଯାଏ, ସେମାନଙ୍କର ରୀତି ନୀତି ଏବଂ ସଂସ୍କୃତି ବର୍ତ୍ତମାନର ନିଉଜିଲ୍ୟାଣ୍ଡ ବାସିଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା । ବ୍ରିଟିଶ ଶାସନ କାଳରେ ୟୁରୋପୀୟ ମାନେ ନିର୍ଦ୍ୱନ୍ଦରେ ନିଉଜିଲ୍ୟାଣ୍ଡ ମଧ୍ୟରେ ପ୍ରବେଶ କରି ବସବାସ କରିବାକୁ ଆରମ୍ଭ କରିଦେଲେ। ୧୮୪୦ ମସିହାର କଥା ବ୍ରିଟିଶ ମାନେ ଆଦିମ ଅଧିବାସୀ ମାନଙ୍କୁ ନିଜ ଅଧୀନକୁ ନେଇ ଆସିଥିଲେ, ମାଉରୀମାନେ କୃଷି କାର୍ଯ୍ୟ କରୁଥିଲେ ପରବର୍ତ୍ତୀ ସମୟରେ ୧୮୫୦ ମସିହା ବେଳକୁ ସେମାନେ ମେଣ୍ଢା, ଗାଈ ଇତ୍ୟାଦି ପାଳନ କରିବାକୁ ଆରମ୍ଭ କରିଦେଲେ । ନିଉଜିଲ୍ୟାଣ୍ଡର ତୃଣ କ୍ଷେତ୍ର ପଶୁମାନଙ୍କ ଖାଦ୍ୟ ପାଇଁ ଉତ୍ତମ ଚାରା ଯୋଗାଇ ଦେଉ ଥିଲା, ଧୀରେ ଧୀରେ ନିଉଜିଲ୍ୟାଣ୍ଡ ବାସୀ ପଶୁ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରାୟ ୧୯୦୦ ମସିହା ସମୟରେ ଯେତେବେଳେ ରେଫ୍ରି ଜେଟର ବା ଥଣ୍ଡା କରୁଥିବା ଯନ୍ତ୍ରର ଉଦ୍ଭାବନ ହେଲା ସେତେବେଳେ ସେମାନେ ଡ଼ାଇରୀ ଫାର୍ମ କରିବାକୁ ଆରମ୍ଭ କରିଦେଇ ନିଜର କଳା କୌଶଳ ତଥା ନିଷ୍ଠା ଦ୍ୱାରା ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରି ପୃଥିବୀ ରେ ସମ୍ମାନର ସହିତ ଚିହ୍ନିତ ହେଉଛନ୍ତି । ପରିଚାଳନା ଗତ ଅନେକ ଘାତ ପ୍ରତିଘାତର ସାମ୍ନା କରି ସରକାରୀ ଅନୁଦାନ ମିଳିବା ବା ନ ମିଳିବା ଉପରେ ନିର୍ଭର ନ କରି ନିଜ ବ୍ୟବସାୟ ବଢ଼ାଇ ଚାଲିଥିବା ଫଣ୍ଟେରା ସମବାୟ ସମିତି ଆଜି ନିଉଜିଲ୍ୟାଣ୍ଡର ଗର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାରତ ବର୍ଷରେ ପୃଥିବୀର ସର୍ବାଧିକ ଗୋ ସମ୍ପଦ ଥିବା ବେଳେ ଆମେ ସ୍ଥଳବିଶେଷରେ ଗୋ ସମ୍ପଦ ରୁ ଏତେଟା ସୁଫଳ ପାଉ ନାହୁଁ, ଏହାର ପ୍ରମୁଖ କାରଣ ହେଲା ଗୋ ସମ୍ପଦ ପାଇଁ ଉପଯୁକ୍ତ ଖାଦ୍ୟ ପେୟ, ଯତ୍ନ ତଥା ରୋଗ ପ୍ରତିଷେଧକ ବ୍ୟବସ୍ଥାର ଅଭାବ ପରିଲକ୍ଷିତ ହୁଏ । ମଝିରେ ନିଉଜିଲ୍ୟାଣ୍ଡ ସରକାରଙ୍କର ପରିବେଶ ମନ୍ତ୍ରଣାଳୟ ସରକାରଙ୍କୁ ଚେତାଇ ଦେଇଥିଲା କି ଗୋ ପାଳନ ପାଇଁ ବ୍ୟବହୃତ ହେଉଥିବା ସ୍ଥାନରେ ଗୋ ଖାଦ୍ୟ ପାଇଁ ଚାଷ ହେଉଥିବା ତୃଣ ବା ଏକ ପ୍ରକାର ଘାଷ ପାଇଁ ରାସାୟନିକ ସାର ତଥା ଗୋ ମୂତ୍ରରୁ ବାହାରୁଥିବା ମିଥାଇଲ୍ ଗ୍ୟାସ୍ ଦ୍ୱାରା ପରିବେଶ ଖରାପ ହେଉଛି ଏବଂ ଉତ୍ତାପ ବଢିବାର ଅନେକ ଆଶଙ୍କା ରହିଛି । ଏହି ଚେତାବନୀକୁ ଦୃଷ୍ଟିରେ ରଖି ସରକାର ରାସାୟନିକ ସାର ଉପରେ ଦେଉଥିବା ରିହାତି ବା ସବ୍ସିଡିକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦେଇଥିଲେ ଏବଂ ଦୁଗ୍ଧ ଜାତ ଦ୍ରବ୍ୟ ଉପରେ ଟିକସ ଭାର ବଢ଼ାଇ ଦେଇଥିଲେ। ଏହାକୁ ବିରୋଧ କରି ବିକ୍ଷୋଭ /ଆନ୍ଦୋଳନ ହୋଇଥିଲା କିନ୍ତୁ ଫଳ ଶୂନ୍ୟ, ସରକାର ଭାବିଥିଲେ ଅନେକ ପଶୁ ପାଳନ କେନ୍ଦ୍ର ବନ୍ଦ ହୋଇଯିବ କିନ୍ତୁ ତାହା ପରିବର୍ତ୍ତେ ଚାଷୀ ମାନେ ନିଜର ଆବଶ୍ୟକତା ଅନୁଯାଇ ରାସାୟନିକ ସାର ବ୍ୟବହାର କଲେ ଏବଂ ତୃଣ କ୍ଷେତ୍ର ପୂର୍ବାପେକ୍ଷା ଅଧିକ ସବୁଜ ହୋଇଗଲା, ଗୋ ଚାଷୀ ମାନେ ଅଧିକ ଚାରା ଉତ୍ପାଦନ ସହିତ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ କରିବାକୁ ସକ୍ଷମ ହେଲେ । ନିଉଜିଲ୍ୟାଣ୍ଡ ରୁ ଛେନା, ଦୁଗ୍ଧ,ଦହି ତଥା ଅନେକ ପ୍ରକାର ପଦାର୍ଥ ବିଦେଶକୁ ରପ୍ତାନି ହୋଇ ପାରୁଛି, ଏହି ସଫଳତା ପଛରେ ଦୁଗ୍ଧ ଚାଷୀ ମାନଙ୍କ ଅବଦାନ ତଥା ସରକାରଙ୍କ ସହଯୋଗ ପରିଲକ୍ଷିତ ହେଉଛି ।

ସନ ୧୯୪୬ ମସିହାରୁ ଅମୁଲ ଦୁଗ୍ଧ ସମବାୟ ସମିତି ଗୁଜୁରାଟ ଠାରେ ଅବସ୍ଥିତ, ନିଜ ଦେଶର ଚାହିଦା ମେଣ୍ଟାଇବା ପରେ ଏହା ଭାରତରୁ ଦୁଗ୍ଧ ଜାତ ଦ୍ରବ୍ୟ ବିଦେଶକୁ ରପ୍ତାନି କରିଥାଏ। ଦୁଗ୍ଧ ଜାତ ଦ୍ରବ୍ୟ ଆମଦାନୀ କରୁଥିବା ଦେଶ ଗୁଡିକ ହେଲେ ଭୁଟାନ, ସିଙ୍ଗାପୁର, ନେପାଳ, ଆରବ ଏବଂ ହଂକଂ ସହିତ ଅନ୍ୟ ୫୦ ଟି ଦେଶ । ଭାରତ ବର୍ଷରେ ଗୋ ସମ୍ପଦର ଉପଯୁକ୍ତ ରକ୍ଷଣା ବେକ୍ଷଣର ସୁବିଧା ନାହିଁ, ଉତ୍ତମ ପୃଷ୍ଟିକର ଖାଦ୍ୟର ଘୋର ଅଭାବ, ସେପରି ସଫଳ ଗୋ ଚାଷୀ ନାହାନ୍ତି କହିଲେ ଚଳେ, ଯେଉଁ ମାନେ ନିଜ ଘରେ ଗୋ ପାଳନ କରନ୍ତି ସେମାନେ ଗୋରୁ ମାନଙ୍କୁ ରାସ୍ତାରେ ଛାଡି ଦେଇଥାନ୍ତି, କାରଣ ପ୍ରାୟ ସବୁଠାରେ ଗୋଚର ଜମି ଗୁଡିକ ମାଫିଆଙ୍କ କବଜା ରେ ରହିଛି, ଗୋରୁ ମାନେ ରାସ୍ତାରେ ବିଚରଣ କରିବା ଫଳରେ ଅନେକ ସଡକ ଦୁର୍ଘଟଣା ହୁଏ । ମାଲିକ ମାନେ ରୁଗ୍ଣ, ବୃଦ୍ଧ ଗୋରୁ, ଗାଈ, ବଳଦ ଇତ୍ୟାଦିଙ୍କୁ ନିର୍ଦ୍ଦୟ ଭାବେ କଂସେଇକୁ ବିକ୍ରିକରି ଦିଅନ୍ତି। ନିର୍ଦ୍ଦୟ ମାଲିକ ମାନେ ସାରା ଜୀବନ ନିରୀହ ପଶୁ ଠାରୁ ଦୁଗ୍ଧ ତଥା ଅନ୍ୟ ସୁବିଧା ନେଇ ଶେଷରେ ତାକୁ କଂସେଇକୁ ମାଂସ ପାଇଁ ବିକ୍ରିକରି ଦେବା କେତେଦୂର ଯୁକ୍ତି ଯୁକ୍ତ ? ଭାରତରେ ଗୋମାତା ରୂପରେ ପୂଜିତ ହେଉଥିବା ପଶୁଟି ଶେଷରେ କଂସେଇ ଦ୍ୱାରା ହତ୍ୟା ହୁଏ, ତା'ର ମାଂସ, ହାଡ଼, ଚମଡା ସବୁକିଛି ଅର୍ଥ ଲୋଭି ମନୁଷ୍ୟ ମାନେ ବାଣ୍ଟି ନିଅନ୍ତି । ସରକାରୀ ସ୍ତରରେ ଭିଏଟ୍ନାମ, ମାଲେସିଆ, ଇଜିପ୍ଟ, ଇଣ୍ଡୋନେସିଆ ଇତ୍ୟାଦି ଦେଶକୁ ଭାରତରୁ ଗୋ ମାଂସ ରପ୍ତାନି ହୁଏ ଏହା ବାବଦକୁ ଭାରତ ପ୍ରାୟ ୭୦ ବିଲିୟନ୍ ଆମେରିକୀୟ ଡଲାରର ବୈଦେଶିକ ମୁଦ୍ରା ଅର୍ଜନ କରିଛି । ଗୋରୁ ମହିଷାଦି ଜୀବ ମାନଙ୍କୁ ନ'ମାରି ଗୋ ମାଂସ ରପ୍ତାନି ନ କରି ଭାରତ କ'ଣ ଦୁଗ୍ଧ ଜାତ ଦ୍ରବ୍ୟ ରପ୍ତାନି କରି ସେହି ବୈଦେଶିକ ମୁଦ୍ରାକୁ ପାଇ ପାରିବ ନାହିଁ? ଗୋ ମହିଷାଦି ହତ୍ୟା କ'ଣ ସମ୍ପୂର୍ଣ୍ଣ ଭାବେ ଭାରତରେ ବନ୍ଦ ହୋଇ ପାରିବ ନାହିଁ ? ? ହିନ୍ଦୁ ଧର୍ମ ବା ସନାତନ ଧର୍ମରେ କେଉଁଠି ଗୋ ମହିଷାଦି ହତ୍ୟା କରିବା କଥା ଉଲ୍ଲେଖ ଅଛି କହି ପାରିବେ କି? ଗୋ ସମ୍ପଦର ଉନ୍ନତି ଉପରେ ଖାଲି କାଗଜ କଲମରେ ଅନେକ କିଛି ହୁଏ, ଅନେକ ସରକାରୀ କର୍ମଚାରୀ ସରକାରୀ ତହବିଲରୁ ମୋଟା ଅଙ୍କର ଦରମା ନିଅନ୍ତି କିନ୍ତୁ ଫଳ ସେପରି ଉତ୍ସାହ ଜନକ ନୁହେଁ ବୋଲି ସମସ୍ତେ ଜାଣନ୍ତି ।

ଆଜିକାଲି ତ' ହଜାର ହଜାର ସଂଖ୍ୟାରେ ଗୋରୁ ଲୁଚା ଛପାରେ ଆମ ପଡୋଶୀ ଦେଶ ବଙ୍ଗଳା ଦେଶକୁ ଚାଲାଣ ହୁଅନ୍ତି, ସେଠାରେ ଗୋ ମାଂସ କିଲୋପ୍ରତି ପ୍ରାୟ ୫୦୦ରୁ ୬୦୦ ଟଙ୍କାରେ ଗ୍ରାହକ ମାନେ କିଣି ନିଅନ୍ତି, କାରଣ ଭାରତୀୟ ଗୋରୁଙ୍କର ମାଂସ କୁଆଡେ ଖୁବ ସୁସ୍ୱାଦୁ ବୋଲି ବାଙ୍ଗଲାଦେଶୀ ମାନଙ୍କର ମତ । କିଛି ଅସାଧୁ କର୍ମଚାରୀ ମାନଙ୍କ ସହାୟତାରେ ଗୋରୁ ଗୁଡିକ ନିର୍ଦ୍ୱନ୍ଦରେ ସୀମା ପାରି ହୋଇ ବାଂଲାଦେଶକୁ ଯାଇ ପାରୁଛନ୍ତି, ଏହାହିଁ ଆମ ଦେଶର ଗୋ ପାଳନ କାରୀ ମାନଙ୍କ ମାନସିକତା । ସରକାର ଯଦି ଗୋ ପାଳନ ନିମନ୍ତେ କିଛି ଉତ୍ତମ ଯୋଜନା କରି ପାରନ୍ତେ ତଥା ସରକାରୀ ସ୍ତରରେ ଏହାର ଟିକି ନିଖି ତଦାରଖ କରନ୍ତେ, ଅସାଧୁ ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡ ଦିଅନ୍ତେ ତେବେ ଅନଧିକୃତ ଗୋ ଚାଲାଣକୁ ରୋକାଯାଇ ପାରନ୍ତା । ଭାରତ ବର୍ଷରେ ଅନେକ ଗୋପାଳନ କେନ୍ଦ୍ର ସ୍ଥାପିତ ହୋଇ ପାରିବ ତଥା ଉନ୍ନତ ମାନର ଗୋ ସମ୍ପଦ ଦ୍ୱାରା ଆମେ ସ୍ୱାବଲମ୍ବୀ ହେବା ସହିତ ବିଦେଶକୁ ମଧ୍ୟ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରି ଦେଶକୁ ବୈଦେଶିକ ମୁଦ୍ରା ଆଣି ପାରିବା । ଗୋ ମାତାଙ୍କ ରକ୍ଷା ଆମର କର୍ତ୍ତବ୍ୟ, ସମସ୍ତେ ଏଥିପ୍ରତି ଧ୍ୟାନ ଦେବାକୁ ଅନ୍ତରରୁ ଅନୁରୋଧ ।


+ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ : ୯୯୩୭୧୭୪୦୯୭


## କବିତା କୋଣାର୍କ

### ତୁମେ ଫେରିଆସ ବସନ୍ତରେ




ଶକ୍ତି ସମ୍ପର୍ଣ୍ଣା ସ୍ୱାଇଁ


କେତେ ଖୋଜେ ମୁଁ ତୁମକୁ
ଭାଷାନାହିଁ କହିବାକୁ।
ଫେରିଆସ ତୁମେ
କେତେ ଖୋଜେ ମୁଁ ତୁମକୁ
କାଳୀନାହିଁ ଲେଖିବାକୁ
ଆସ ସଖା ଥରେ
ଏଇ ସକାଳର ସୁନେଲି ଖରା ସହିତ
ଆସ ସଖା ଥରେ
ମୋ ଭାବନାରେ, ମୋ
ଅନୁଭବରେ,
ମୋ ଅନୁଭୂତିରେ, ମୋ କଳନାରେ
ଏ ସଖା ଆସ ଆସନା ଥରେ
କାହିଁକି ଏତେ ଅଭିମାନ ?
ପୂର୍ବଥର ସିନା ବିତିଗଲା ତୁମର ସବୁ
ସମୟ ମୋ ଅପେକ୍ଷାରେ
କିନ୍ତୁ ସତ କହୁଛି ସଖା
ଏଥର ଜମା ନିରାଶ କରିବିନି
ଏ ସଖା ଆସ ଆସନା ଥରେ
ସେଇ ପ୍ଲାଟଫର୍ମର କାଗେଜିଫୁଲ
ଗଛମୂଳେ ବସି ଆମେ ପୁଣି ଆରମ୍ଭ
କରିବା
ଆମ ସମ୍ପର୍କର ବ୍ରହ୍ମା,ବିଷ୍ଣୁ, ମହେଶ୍ୱର
ଏ ସଖା ଆସ ଆସନା ଥରେ
କାହିଁ ଏତେ ଦୂରତା ?
ସତ କହୁଚି ପ୍ରିୟେ
ତୁମବିନା ଏ ଜୀବନ ନିଃରସ,
ଦୁର୍ବିସହ, କଣ୍ଟକିତ
ଆସ ପୁଣିଥରେ ଆମେ ଚାଲିଯିବା
ସ୍ୱପ୍ନର ସେଇ ଅଜଣା ଦିଗନ୍ତକୁ
ଯୋଉଠି ଏ ଚଗଲା ପବନଟା
ଲୁଚକାଳି ଖେଳୁଥିବ ଆମ ସହିତ,
ଆଉ ଇଙ୍ଗିତରେ କହୁଥିବ
ଏ ଶୁଆ ସାରି ସେଠି ଲୁଚି ଲୁଚି କଣ
କରୁଛ ?
ତୁମର ଏ ସଂପର୍କର ନାମ କଣ ?
ଏ ସଖା ଆସ ଆସନା ଥରେ।
ଆସ ଗପିବା କିଛି ପ୍ରେମଗପ, ସେଇ
କମଳା ରଙ୍ଗର ସୂର୍ଯ୍ୟକୁ ଦେଖି
ଆସ ଆସନା ଥରେ
ଧୂସର ଆକାଶର ଅଦୃଶ୍ୟ ଫର୍ଦ୍ଦରେ
ପବନକୁ ଲେଖନୀ କରି ଲେଖିଦେବା
ଆମେ ଦୁହେଁ ଦୁହିଁଙ୍କ ପାଇଁ
ଏଇମୋ ଭାବନା
କିଛି ଚିନ୍ତା, କିଛି ଲୁହ,
କେବଳ ତୁମ ପାଇଁ
ଆଉ ଏସବୁ ମିଳେଇ ଯାଏ,ନିଜର
ସତ୍ତା ହରାଏ ଗଙ୍ଗଶିଉଳି ଟିଏ ପରି।
ତୁମେ ମୋର ଅତୀତ ନୁହେଁ, ବର୍ତ୍ତମାନ
ନୁହେଁ, ଭବିଷ୍ୟତ ମଧ୍ୟ ନୁହେଁ କିନ୍ତୁ
କାହିଁକି କେଜାଣି ପୁଣି ଇଚ୍ଛା ହୁଏ ତୁମ
ସହିତ ଜିଇଁବାକୁ, ପୁଣି ଇଚ୍ଛା ହୁଏ ତୁମ
ପ୍ରେମର ଅଗ୍ନି ରେ ନିଜକୁ ଜଳିବାକୁ ।
ମୁଁ ଜାଣିଛି ସଖା ତୁମେ ପୁଣି ଫେରିବ
ଫେରିବ ଫଗୁଣର ଫଗୁ ନେଇ,
ପୁଣି ଫେରିବ ମଳୟର ବାସ୍ନା ନେଇ,
ଫେରିବ ନିଦାଘର ଝାଞ୍ଜି ନେଇ,
ପୁଣି ଫେରିବ ଆଷାଢ଼ର ମେଘ ନେଇ
ହେଲେ ପାଇବନି ଆଉ ତୁମ ସଖୀକୁ
ଆଉ ଯଦି ଖୋଜିଲ ତେବେ ପାଇବ
ଗୋଟିଏ ମାଟିଘଡିରେ ସ୍ୱପ୍ନ ଭରା
ମୁଠାଏ ଭସ୍ମ ଆଉ ଦରପୋଡ଼ା ହାଡ଼
ଦୁଇଖଣ୍ଡ ।


+ସତ୍ୟବାଦୀ,ପୁରୀ
ମୋ:୯୩୩୭୨୮୩୮୯୭


### ତୋ ପ୍ରେମ


ରମାକାନ୍ତ ଦାସ




ତୋ ପ୍ରେମ,
କେବେ ପହିଲି ଶ୍ରାବଣ ଛୁଆଁ
କେବେ ବିରହ ରାତିର ନିଆଁ ।
ତୋ ପ୍ରେମ,
କେବେ ସ୍ୱପ୍ନ ସହରର ଗାଁ
କେବେ ଅସରା ସ୍ମୃତିର ଛୁଆଁ ।
ତୋ ପ୍ରେମ,
କେବେ ଜହ୍ନ ଆଲୁଅର ଜ୍ୟୋସ୍ନା
କେବେ ଝରା ଶେଫାଳୀର ବାସ୍ନା ।
ତୋ ପ୍ରେମ,
କେବେ ଶୀତଳ କାକର ବିନ୍ଦୁ
କେବେ ସୀମାହିନ ସାଗରର ସିନ୍ଧୁ ।
ତୋ ପ୍ରେମ,
କେବେ ମହମହ ବାସଭରା
କେବେ ବୈଶାଖର ଝାଞ୍ଜି ଖରା ।
ତୋ ପ୍ରେମ,
କେବେ ପ୍ରୀତିର ପରଶ
କେବେ ଶୁଖିଲା ଅଧରେ ହସ ।
ତୋ ପ୍ରେମ,
କେବେ ପବନର ମିଠା ଛୁଆଁ
କେବେ ଭାଙ୍ଗି ଯାଇଥିବା ସ୍ୱପ୍ନ
ଦୁନିଆଁ।
ତୋ ପ୍ରେମ,
କେବେ ହୃଦୟର ମିଠା ସ୍ପନ୍ଦନ
କେବେ ଭାଙ୍ଗିଯାଇଥିବା ମନ ।
ତୋ ପ୍ରେମ,
କେବେ ଫୁଲଟିଏ ବଗିଚାର
କେବେ ଯନ୍ତ୍ରଣା ଜର୍ଜରିତ ସହର ।
ତୋ ପ୍ରେମ,
କେବେ ମଳୟର ମିଠା ସମୀର
କେବେ ଅନ୍ତରର ବୁକୁଫଟା ଚିତ୍କାର।
ତୋ ପ୍ରେମ,
କେବେ ଅସରନ୍ତି ସ୍ନେହ
କେବେ ଅମାନିଆ ଲୁହ ।


+ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ : ୯୬୬୮୮୧୫୩୬୯








ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୨୨



ଡ.ସିନ୍ଧୁ ସେନ୍

॥ ଏଗାର ॥

ଲଙ୍କାଦ୍ୱୀପ, ଚାରିପଟେ ସମୁଦ୍ର ଘେରା ମଝିରେ ଦ୍ୱୀପଦେଶ । ଲଙ୍କାକୁ ଯିବାକୁ ହେଲେ ସ୍ଥଳପଥ ନୁହେଁ ଜଳପଥ ହିଁ ଅବଲମ୍ବନ । ମାତାମହଙ୍କ ଆଦେଶ ଆସନ୍ତାକାଲି ଲଙ୍କା ଅଭିମୁଖେ ଯାତ୍ରା ହେବ। ଶୁଭମୁହୂର୍ତ୍ତ ନିର୍ଣ୍ଣୟ କରିବା ନିମନ୍ତେ ସେ ଜ୍ୟୋତିଷ କୁମାରଙ୍କ ସହ ପରାମର୍ଶ କରି ଆସିଲେ । ଦୀର୍ଘ ଯାତ୍ରା । ପୁଣି ଜଳପଥରେ । ଜଳଦସ୍ୟୁ ମାନଙ୍କର ଭୟ ମଧ୍ୟ ରହିଛି । ଏସବୁ ଚିନ୍ତା ମୋତେ ମଧ୍ୟ ବିଷାଦଗ୍ରସ୍ତ କରି ଦେଉଥିଲା । ପ୍ରବୀରମାମୁ ଏସବୁ ଦାୟିତ୍ୱ ସମ୍ଭାଳି ପାରିବେ ତ ? ପ୍ରଥମରୁ ସେ ଖିଆଲି ପ୍ରକୃତିର । କୌଣସି ଦାୟିତ୍ୱ ମୁଣ୍ଡାଇବାକୁ ଚାହାଁନ୍ତି ନାହିଁ । ମାତ୍ର ଏପରି ପରିସ୍ଥିତିରେ ମାମୁଁଙ୍କ ବ୍ୟତୀତ ଅନ୍ୟ କେହି ଯୋଗ୍ୟ ବ୍ୟକ୍ତି ଦୃଷ୍ଟିକୁ ଆସୁନାହାନ୍ତି । ଯେତେ ଯାହା ହେଲେ ମଧ୍ୟ ମାମୁଙ୍କ ପାଇଁ ସବୁ ବ୍ୟବସ୍ଥା କରିବାକୁ ପଡ଼ିବ । ତାଙ୍କ ସୁରକ୍ଷା ପାଇଁ କିଛି ବଛାବଛା ସୈନ୍ୟ ପଠାଇବାକୁ ପଡ଼ିବ । କାରଣ ଆମରି ରାକ୍ଷସ ମାନଙ୍କ ମଧ୍ୟରୁ କେତେଜଣ ଦସ୍ୟୁ ବୃତ୍ତି ମଧ୍ୟ କରନ୍ତି । ସେମାନଙ୍କ ହାବୁଡ଼ରେ ପଡ଼ିଗଲେ ବର୍ତ୍ତିବା ମୁସ୍କିଲ । ଏସବୁ ଦୃଷ୍ଟିରେ ରଖି ସବୁକିଛି ଆୟୋଜନ କରିବାକୁ ପଡ଼ିବ । ଆଉ ମାତାମହ ମୋ ଉପରେ ସେସବୁ ଦାୟିତ୍ୱ ନ୍ୟସ୍ତ କରିଥିଲେ ।

ଭାବୁଥିଲି ଯେକୌଣସି ମହତ୍ ଆକାଂକ୍ଷା ନେଇ କାର୍ଯ୍ୟରେ ଆଗେଇଲେ, ତାହା କେବେ ବିଫଳ ହୁଏନି । ମାମୁଙ୍କର ଏ ଲଙ୍କାଯାତ୍ରା ଖୁବ୍ ଦୀର୍ଘ ଆଉ କଷ୍ଟକର ମଧ୍ୟ । ମୋତେ ତେଣୁ ତାଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଯାହାକିଛି ପଦକ୍ଷେପ ନେବାକୁ ପଡ଼ିବ । ସେଦିନ ଅନେକ ରାତି ପର୍ଯ୍ୟନ୍ତ ମୋତେ ଅନିଦ୍ରା ରହି ସେସବୁର ବ୍ୟବସ୍ଥା କରିବାକୁ ପଡ଼ିଲା ।

ଲଙ୍କା ଯାତ୍ରାରେ ଯିବାପୂର୍ବରୁ ମାମୁଁ ମାତାମହଙ୍କୁ ପ୍ରଣାମ କରି ପାଦଧୂଳି ନେଲେ । ମାତାମହ ତାଙ୍କୁ ତଳୁ ଉଠାଇ ନେଇ ଆଲିଙ୍ଗନ ପୂର୍ବକ ଯାତ୍ରାର ମଂଗଳ ମନାସି ଆଶୀର୍ବାଦ କରିଥିଲେ । ଶଂଖ, ହୁଳହୁଳି, ଦୁନ୍ଦୁଭିର ଧ୍ୱନିରେ ମାମୁଁ ସମସ୍ତଙ୍କ ଠାରୁ ବିଦାୟ ନେଇ ମାମୁଁ ଆଗେଇଗଲେ ଜଳଯାତ୍ରାରେ । ତାଙ୍କ ସହ ଗଲେ କିଛି ପୋତ । କେଉଁଥିରେ ଭରପୂର ଖାଦ୍ୟ ତ କେଉଁଥିରେ ଅସ୍ତ୍ରଶସ୍ତ୍ର ପୁଣି ଅନ୍ୟ କେଉଁଥିରେ ସୈନିକ । ଏମିତି ଭାବେ ପୋତ ଗୁଡ଼ିକ ଦୀର୍ଘ ଜଳପଥ ଅଭିମୁଖେ ଯାତ୍ରା ଆରମ୍ଭ କଲେ, ଭାବୁଥିଲି କେତେଦିନ ଲାଗିବ ଲଙ୍କାରେ ପହଞ୍ଚିବାକୁ । ସତେକ'ଣ ଲଙ୍କେଶ କୁବେର ଆମ ପ୍ରସ୍ତାବକୁ ମାନିନେବେ । ଆଉ ଯଦି ପ୍ରକୃତରେ ମାନି ନିଅନ୍ତି ତେବେ ତାଙ୍କ ପରି ଭୀରୁ, କାପୁରୁଷ ପକ୍ଷରେ ରାଜା ହେବାର ଯୋଗ୍ୟତା ନାହିଁ । ତାଛଡ଼ା ଏପରି ରାଜା ତ ପ୍ରଜାମାନଙ୍କ ପାଖରେ ହାସ୍ୟାସ୍ପଦ ହେବେ । ଏଭଳି ରାଜାର ବଞ୍ଚିବା ଅପେକ୍ଷା ମୃତ୍ୟୁ ହିଁ ଶ୍ରେୟ । ମୋ ମନ କିନ୍ତୁ କହୁଥିଲା କୁବେର ଭାଇ ଆଦୌ ଏଥିରେ ରାଜି ହେବନି । ବରଂ ଆମମାନଙ୍କ ଉପରେ କ୍ଷୁବ୍ଧ ହୋଇ ଯୁଦ୍ଧ ଘୋଷଣା କରିବେ । ମୁଁ ସିନା ଉପରେ ଉପରେ ବିନା ରକ୍ତପାତ, ହିଂସାରେ ଲଙ୍କା ରାଜ୍ୟ ପାଇବାର ଆଶା ରଖିଥିଲି । କିନ୍ତୁ ବାସ୍ତବରେ ମୁଁ ଠିକ୍ ଜାଣିଥିଲି । ମାମୁଙ୍କୁ ଦୂତ କରି ପଠାଇବା ପଛରେ ଆମ ତରଫରୁ ଏକପ୍ରକାର ଯୁଦ୍ଧ ପ୍ରସ୍ତାବର ସନ୍ଦେଶ ପଠାଇବା ।

ବାସ୍ତବରେ ରାଜନୀତି ତ ଏମିତି । ଯେଉଁଠି ରାଜନୀତି ଠାରୁ ବେଶିମାତ୍ରାରେ କୂଟନୀତି ପ୍ରୟୋଗ କରିବାକୁ ପଡ଼େ । ଜଣେ କୂଟନୀତି ବିଶାରଦ ହିଁ ଭଲ ରାଜନୀତିଜ୍ଞ । ଖୁବ୍ ବଡ଼ବଡ଼ ରାଜନୀତିଜ୍ଞ ମାନଙ୍କ ପାଖରେ ଏସବୁ ଲକ୍ଷଣ ଦେଖିବାକୁ ମିଳିଥାଏ । କାରଣ କୂଟନୀତି, ସ୍ୱାର୍ଥନୀତି, ହିଂସାନୀତି ଏସବୁକୁ ଛାଡ଼ି କେହି କେବେ ରାଜନୀତିରେ ପରିପକ୍ୱତା ହାସଲ କରିପାରେ ନାହିଁ । ରାଜନୀତି କେବେ ପାପପୁଣ୍ୟର ବିଚାର କରେ ନାହିଁ । ନ୍ୟାୟ ଅନ୍ୟାୟ ବିଚାର କରେ ନାହିଁ । ସେ କେବଳ ଦେଖେ ସ୍ୱାର୍ଥ । କଳେବଳେ କୌଶଳରେ ସିଦ୍ଧିପ୍ରାପ୍ତି ଆକାଂକ୍ଷା । ଯାହା ଚିନ୍ତାକରେ ତାହା ଯେ କାର୍ଯ୍ୟକାରୀ କରିବ ତାର ମଧ୍ୟ କିଛି ଅର୍ଥ ଥାଏନା । ନିରୀହ ପ୍ରକୃତିର ଲୋକଙ୍କ ପକ୍ଷରେ ତେଣୁ ରାଜନୀତି ଫଳପ୍ରଦ ହୁଏନା । ମୋତେ ତେଣୁ ରାଜନୀତି କରିବାକୁ ହେଲେ କୂଟନୀତିରେ ଆଶ୍ରୟ ନେବାକୁ ପଡ଼ିବ । ଭାବିଥିଲି, କୁବେର ଭାଇଙ୍କ ସହ ହାତମିଳାଇ ମାଗିନେବି ଆମ ରାକ୍ଷସ ମାନଙ୍କର ଇପ୍ସିତ ଲଙ୍କାଗଡ଼ । ବିନା ରକ୍ତପାତରେ ପାଇଯିବି ଲଙ୍କା ସିଂହାସନ । କିନ୍ତୁ ବାସ୍ତବରେ ସେସବୁ କେବେବି ସମ୍ଭବ ହୋଇପାରିବନି । ଲଙ୍କା ପାଇବାକୁ ହେଲେ ହିଂସା, ରକ୍ତପାତର ଆଶ୍ରୟ ନେବାକୁ ପଡ଼ିବ । ମୋତେ ତେଣୁ ଯୁଦ୍ଧପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ମାମୁଙ୍କୁ ଲଙ୍କା ପଠାଇ ମୁଁ ତେଣୁ ଚୁପ୍ ହୋଇ ବସିପାରିଲି ନାହିଁ । ଆଗାମୀ ଦିନରେ ଯୁଦ୍ଧ ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଲି । ଲଙ୍କା ତୁଳନାରେ ଆମ ରାକ୍ଷସ ସାମ୍ରାଜ୍ୟ ବେଶ୍ କ୍ଷୁଦ୍ର । ଆମ ସେନାବାହିନୀ ମଧ୍ୟ ଦୁର୍ବଳ । ଖୁବ୍ କମ୍ ସଂଖ୍ୟକ ସେନାକୁ ନେଇ ଆମକୁ ଏକ ବଡ଼ଧରଣର ଯୁଦ୍ଧର ପ୍ରସ୍ତୁତି କରିବାକୁ ପଡ଼ିବ । ମୋତେ ତେଣୁ ବହୁତ ଚତୁରତାର ସହ ଭାବିଚିନ୍ତି ଯାହା କିଛି ନିଷ୍ପତ୍ତି ନେବାକୁ ପଡ଼ିବ । ଆମ ସୈନ୍ୟ ସଂଖ୍ୟା ସୀମିତ ମାତ୍ର । ସେଥିରେ ପୁଣି ସ୍ଥାୟୀ ସେନାପତି ମଧ୍ୟ ନାହାନ୍ତି । ମାତାମହ ନିଜେ ହିଁ ସେନାପତି କାର୍ଯ୍ୟ ତୁଲାଉଥାନ୍ତି । ମୋତେ ତେଣୁ ଜଣେ ଦକ୍ଷ ଓ ସ୍ଥାୟୀ ସେନାପତିଙ୍କୁ ପ୍ରଥମେ ବାଛିବାକୁ ପଡ଼ିବ । ତାଛଡ଼ା ଆମ ପାଖରେ ଗଚ୍ଛିତ ଥିବା ଅସ୍ତ୍ରଶସ୍ତ୍ର ମଧ୍ୟ କାହିଁ କେଉଁ ଯୁଗର ଅଧିକାଂଶ ଜରାଜୀର୍ଣ୍ଣ ଓ ଅକାମୀ ହୋଇଗଲାଣି । ତେଣୁ ଅସ୍ତ୍ରଶସ୍ତ୍ରକୁ ସଜାଡ଼ିବା ଦାୟିତ୍ୱ ମଧ୍ୟ ମୋର । ମୋ ପାଖରେ ନା ଅଛି ଚତୁରଙ୍ଗ ବଳ ନା ଅଛି ସାହସୀ ଦକ୍ଷ ସେନାନୀ । ଏମିତି ଏକ ଦୁର୍ବଳ ସେନାବାହିନୀକୁ ସାଥୀ କରି ମୁଁ କେମିତି ବିଶ୍ୱବିଜୟୀ ହୋଇପାରିବି । ନିରାଶା ମଧ୍ୟରେ ଆଶାର ସ୍ୱପ୍ନ ଦେଖୁଛି । ପୁଣି ବିଜୟର ସ୍ୱପ୍ନ । ରାଜଚକ୍ରବର୍ତ୍ତୀ ହେବାର ସ୍ୱପ୍ନ । ନିଜେ ନିଜକୁ ମଧ୍ୟ ଚିହ୍ନି ପାରୁ ନଥିଲି । ମୁଁ କ'ଣ ସତରେ ଦିଗ୍‌ବିଜୟୀ ବୀର ରାବଣ । ବ୍ରହ୍ମଦେବଙ୍କ ଠାରୁ ତ୍ରିଭୁବନ ବିଜୟୀ ହେବାର ବରପ୍ରାପ୍ତ ରାକ୍ଷସ ବୀର । ମାତା ନିକଷାଙ୍କ ପୁତ୍ର ରାବଣ । ନିଜକୁ ନିଜେ ମଧ୍ୟ ଚିହ୍ନିପାରୁ ନଥିଲି । ମୋ ହାତପାପୁଲିକୁ ବିକଳରେ କେବଳ ଆଘ୍ରାଣ କରୁଥିଲି । ନା ନା ମୁଁ ଦବିଯିବାର ନୁହେଁ, ଭୀରୁ ନୁହେଁ । ମୋ ହାତରେ ରହିଛି ପଦ୍ମଗନ୍ଧ ଯାହା ମୋ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଂକେତ । ମନକୁ ଦୃଢ଼ କରିନେଲି । ହୋଇପାରେ ସେନାବାହିନୀ ମୋର ଦୁର୍ବଳ। ମୋ ଚାରିପଟେ ଉପସ୍ଥିତ ଥିବା ରାକ୍ଷସକୁଳ ନିର୍ବଳ । ତଥାପି ମୋ ନିଜସ୍ୱ ବାହୁବଳ ତ ଦୁର୍ବଳ ନୁହଁନ୍ତି ମାନସିକ ସ୍ତରରେ ମୁଁ ତ ଆଦୌ ଦୁର୍ବଳ ଅନୁଭବ କରିନି । ତେବେ, ମୁଁ କ'ଣ ଚାହିଁଲେ ମୋର ଅନ୍ୟାନ୍ୟ ଆବଶ୍ୟକୀୟ ଅଭାବ ପୂରଣ କରିପାରିବି ନାହିଁ । ବାସ୍ତବରେ ମନର ଅଦ୍ୟମ ଇଚ୍ଛା ଉତ୍ସାହ ଥିଲେ କେହି କେବେ କୌଣସି କ୍ଷେତ୍ରରେ ଅସଫଳ ହୁଏ ନାହିଁ । ମୋ ମନରେ ରହିଛି ଦୁର୍ବାର ଆକାଂକ୍ଷା । ମୋର ସ୍ୱପ୍ନ ସୁଦୂର ପ୍ରସାରୀ । ମୋର ପ୍ରବଳ ଇଚ୍ଛାଶକ୍ତି ପାଖରେ ମୁଁ ହାରମାନି ପାରିବି ନାହିଁ । ବରଂ ମୋ ନିକଟରେ ଦିନେ ନା ଦିନେ ସମସ୍ତେ ହେବେ ପଦାନତ । ଏମିତି ଅନେକ ଭାବନା ମଧ୍ୟରେ ପ୍ରଥମେ ସୈନ୍ୟବାହିନୀକୁ ସଜାଡ଼ିଲି। ତାଙ୍କରି ଭିତରୁ ଜଣଙ୍କୁ ସ୍ଥାୟୀ ସେନାପତି ଭାବରେ ନିଯୁକ୍ତି ଦେବି ବୋଲି ନିଷ୍ପତ୍ତି କରି ମାତାମହଙ୍କ ସହ ପରାମର୍ଶ କଲି । ମାତାମହଙ୍କର ମଧ୍ୟ ବୟସ ହୋଇଗଲାଣି ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ମାତାମହ ରାକ୍ଷସ ବଂଶର ରାଜନେତା । ତାଙ୍କ ପାଇଁ ସେନାପତି ପଦବି ଗ୍ରହଣୀୟ ନୁହେଁ । ସେ ସମସ୍ତଙ୍କ ପାଖରେ ସମ୍ମାନସ୍ପଦ । ଏପରିକି କି ମୋ ପାଇଁ ସେ ପରମ ପୂଜନୀୟ ମାତାମହ । ତେଣୁ ତାଙ୍କୁ ସେନାପତି ନକରି ତାଙ୍କରି ପରାମର୍ଶରେ ରାକ୍ଷସ ବୀର ବିରାଟ କୁମାରଙ୍କୁ ସେନାପତି ଭାବେ ନିଯୁକ୍ତି ଦେଲି। ବାସ୍ତବରେ ତାଙ୍କ ଚରିତ୍ର ଥିଲା ଅସାଧାରଣ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫




# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୫୦ ॥

ସ୍ୱୟଂଭୂ ବ୍ରହ୍ମା ନବଧା ପ୍ରଜାପତିମାନଙ୍କ ସାହାଯ୍ୟରେ ନିଜ ଦେହରେ ଥିବା ସହସ୍ର, ସହସ୍ର ପ୍ରାଣୀଙ୍କୁ ପୃଥିବୀ ଗ୍ରହରେ ସ୍ୱତନ୍ତ୍ର କରି ସୃଷ୍ଟି କରିବାରେ ଲାଗିଲେ। ଏହି ନବଧା ପ୍ରଜାପତି ମାନଙ୍କ ମଧ୍ୟରେ ସୁର ପତି ପ୍ରାଣୀ ମାନଙ୍କ ଇନ୍ଦ୍ରିୟ ରଚନା, ବହ୍ନି କ୍ଷୁଧା ବା କାମନା, ପରିପାକ, ମିତ୍ର ଜୀବସାର ଆଦି, ଅଶ୍ୱିନୀ ରୋଗ ପ୍ରତିରୋଧକ ଶକ୍ତି, ଜଳ ପତି ରକ୍ତ, ଅଶ୍ରୁ ଆଦି, ପ୍ରଜାପତି ଅଣ୍ଡ ଆଦି ସୃଷ୍ଟି କରିଥିଲେ। ମରିଚୀଜ୍ୟୋତି ଥିଲେ ମରୁଭୂମିର ସୂର୍ଯ୍ୟରଶ୍ମି ପରି ଅତି ତେଜୀୟାନ ରଶ୍ମି। ଏହି ରଶ୍ମି ବ୍ରହ୍ମାଙ୍କ ନୟନରୁ ସୃଷ୍ଟି ହୋଇଥିଲା। ଅର୍ଥାତ୍ ଏହି ଜ୍ୟୋତି ଆମର ଦର୍ଶନ ଇନ୍ଦ୍ରିୟ ବା ଅନ୍ତର୍ଦୃଷ୍ଟି ରଚନା କରିଥାଏ। ଯେଭଳି ଚକ୍ଷୁ ବ୍ୟତୀତ ସୂର୍ଯ୍ୟ ବା ସୂର୍ଯ୍ୟଙ୍କ ବ୍ୟତୀତ ଚକ୍ଷୁର କୌଣସି ଶକ୍ତି ନଥାଏ କିନ୍ତୁ ଅନ୍ତର୍ବିଜ୍ଞାନ ଏହି ଉଭୟଙ୍କ ବ୍ୟତୀତ ମଧ୍ୟ ସକ୍ରିୟ ହୋଇଥାଏ।

ନୀଳ ଲୋହିତଙ୍କ ସୃଷ୍ଟି ପରେ ପରେ ବ୍ରହ୍ମା ତପସ୍ୟା ଦ୍ୱାରା ନିଜ ଦେହକୁ ଦୁଇ ଖଣ୍ଡ କଲେ ଅର୍ଥାତ ନିଜ ଜୀବକୋଷରୁ ପୃଥକ ଦୁଇଟି ନାରୀ ଓ ପୁରୁଷ ସୃଷ୍ଟିକଲେ। ବ୍ରହ୍ମା ପୁରୁଷ ହୋଇ ଥିବାରୁ ତାଙ୍କଠାରୁ ଦୁଇଟି ନାରୀ ଓ ପୁରୁଷ ସୃଷ୍ଟି କରି ପାରିଥିଲେ। ବ୍ରହ୍ମଜ ସୃଷ୍ଟି ଏହିପରି ଥିଲା। ଏହା ଅଂଗଜ ସୃଷ୍ଟି। ସେହି ସମୟର ପ୍ରାକୃତିକ ପରିବେଶ ଏଭଳି ଥିଲା ଯେ ଏହି କାର୍ଯ୍ୟ ଅୟାସ ସାଧ ନଥିଲା। ଜଣେ ଉଚ୍ଚତ୍ତର ଯୋଗ ସାଧକ ନିଜ ଇଚ୍ଛା ଅନୁସାରେ ନାରୀ ଓ ପୁରୁଷ ସୃଷ୍ଟି କରିପାରୁଥିଲା। ଏହା ମଧ୍ୟ ଏକ ପ୍ରକାର ଯଜ୍ଞ ଥିଲା। ତେଣୁ ଏହି ସୃଷ୍ଟି ଯଜ୍ଞେଶ୍ୱର ବ୍ରହ୍ମାଙ୍କ ସମୟରୁ ଆରମ୍ଭ ହୋଇ ଥିବା ସଂଭବ। ଏହି ଦୃଷ୍ଟିରୁ ଦେଖିଲେ ପ୍ରଥମେ କ୍ରତୁ, ପୁଲହ, ପୁଲସ୍ତ୍ୟ, ତାହାପରେ ସ୍ୱୟମ୍ଭୁ, ଶତ ରୂପା ଏବଂ ତାହା ପରେ ଅତ୍ରି ଆଦି କ୍ରମରେ ଜନ୍ମ ଗ୍ରହଣ କରିଥିଲେ। ଆମେ ନିଗମ। ନନ୍ଦଙ୍କ ଜୀବନୀ ପଢ଼ିଲେ ଜଣାଯାଏ ଯେ, ବାଡ଼ି ବା ହଇଜା ରୋଗର ଠାକୁରାଣୀ ରୂପେ ଜଣେ ନାରୀ ଏକ ଅଗ୍ନି ପିଣ୍ଡୁଳାକୁ ଗଡ଼ାଇ ନେବାର ସେ ଦେଖିଥିଲେ। ଯଦି ରୋଗ ମାନଙ୍କର ମଧ୍ୟ ଅନ୍ତର୍ବିଜ୍ଞାନରେ ଏକ ସ୍ୱରୂପ ଅଛି, ତେବେ ଏହି ସୂକ୍ଷ୍ମ ପରମାଣୁ ଏବଂ ଜ୍ୟୋତି ମାନଙ୍କର ମଧ୍ୟ ଏକ ଅଜ୍ଞାତ ସ୍ୱରୂପ ନଥିବ କାହିଁକି ? ହୁଏତ ତାହାହିଁ ଏଲିଏନ। ଏହିପରି ଅନେକ ଉଦାହରଣ ପୁରାଣରେ ମଧ୍ୟ ଅଛି। ମୋର ବିଶ୍ୱାସ ଏହାର ସତ୍ୟତା ମଧ୍ୟ ସଂଭବ।

ବ୍ରହ୍ମା ଯେଉଁ ପୁରୁଷକୁ ସୃଷ୍ଟି କଲେ ତାର ନାମ ହେଲା ସ୍ୱୟଂ ଭୁବ ମନୁ ଏବଂ ଯେଉଁନାରୀକୁ ସୃଷ୍ଟି କଲେ ତାଙ୍କର ନାମ ହେଲା ଶତ ରୂପା। ଏମାନେ ଥିଲେ ଆଦାମ ଓ ଇଭ ପରି ସୃଷ୍ଟିର ପ୍ରଥମ ଦମ୍ପତି। ଏମାନେ ମନୁଷ୍ୟ ଥିଲେ। ଏମାନଙ୍କ ପୂର୍ବରୁ ଯଦିବା କେହି ମନୁଷ୍ୟ ସୃଷ୍ଟି ହୋଇଥିଲା ତାଙ୍କର ନାମ ମାନବ ନଥିଲା। ସେ ବିଷୟରେ ପୁରାଣକାର ମାନେ ନୀରବଥିଲେ। ସ୍ୱୟଂଭୁବ ଓ ସତ୍ୟରୂପାଙ୍କ ଠାରୁ ଦୁଇ ପୁତ୍ର ଓ ତିନି କନ୍ୟା ଜନ୍ମ ହୋଇଥିଲେ। ସେମାନେ ହେଲେ, ଉତ୍ତାନ ପାଦ, ପ୍ରିୟବ୍ରତ, ପ୍ରସୂତି,ଦେବହୁତି ଓ ଆକୁତି। କ୍ରମେସେମାନେ ଯୌବନ ପ୍ରାପ୍ତ ହୋଇ ବିବାହ କଲେ। ଆକୁତି ରୁଚିବିପ୍ରଙ୍କୁ, ପ୍ରସୂତି ଦକ୍ଷଙ୍କୁଏବଂ ଦେବହୁତି କର୍ଦ୍ଦମ ମୁନି ଙ୍କୁବିବାହକଲେ।

ସେହି ବଂଶରେ ଉତ୍ତାନ ପାଦ ଓ ସୁନୀତିଙ୍କ ଗର୍ଭରୁ ଜନ୍ମଲାଭ କରିଥିବା ଧ୍ରୁବ ନିଜର ତପସ୍ୟା ଓ ଯୋଗ ବଳରେ ସେ ସ୍ୱୟଂ ଭଗବାନଙ୍କର ଦର୍ଶନ ଲାଭ କରିଥିଲେ। ଭଗବାନ ବିଷ୍ଣୁଙ୍କର କୋଳରେ ଆସୀନ ହୋଇପାରିଥିବା ଧ୍ରୁବ ତାଙ୍କର ଅତୀବ ପ୍ରିୟ ଥିଲେ। ତାଙ୍କର ପିତାମହ ସ୍ୱୟଂଭୁବ ମନୁ ତାଙ୍କର ଗୁଣକୀର୍ତ୍ତିକୁ ଯାବତ ଚନ୍ଦ୍ରାର୍କେ ସମ୍ୟୁଜ୍ଜ୍ୱଳ ରଖିବା ପାଇଁ ଉତ୍ତର ମେରୁରେ ଅବସ୍ଥିତ ଉଜ୍ଜ୍ୱଳ ଧ୍ରୁବ ତାରାଙ୍କୁ ସେହି ନାମରେ ନାମିତ କରିଥିଲେ।

ଧ୍ରୁବଙ୍କର ବଂଶ ସମଗ୍ର ପ୍ରାଚ୍ୟ ପୃଥିବୀରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଲେ। ତାଙ୍କର ପୁତ୍ର ଉତ୍କଳଙ୍କର ନାମ ଅନୁସାରେ ସେ ରାଜତ୍ୱ କରୁଥିବା ଓଡ଼ିଶାର ନାମ ଉତ୍କଳ ହିଁ ରହିଲା। ଅବଶ୍ୟ ଦାନବ ମାନଙ୍କ ମଧ୍ୟରେ ମଧ୍ୟ ଜଣେ ଉତ୍କଳ ନାମଧାରୀ ଦାନବ ରହିଥିଲେ। ଏହି ବଂଶର ଭାରତଙ୍କ ଭାଇ ଦ୍ରବିଡ଼ ବି ଦକ୍ଷିଣ ଭାରତର ଦ୍ରାବିଡ଼ ବା ଭାରତର ପ୍ରାଚୀନ ଅଧିବାସୀ ମାନଙ୍କ ଉପରେ ରାଜପଣ କରୁଥିଲେ। ଏହି ଆଦି ଦ୍ରାବିଡ଼ ମାନେ ଭଲ୍ଲୁକମାନଙ୍କ ସଦୃଶ ଲୋମଶ, କେତେକ ଗରିଲା ମାନଙ୍କ ସଦୃଶ ବଳବାନ ଓ କେତେକ କୃଷ୍ଣକାୟ ଓ ଭୀମକାୟ ଥିଲେ। ଏମାନେ ମଧ୍ୟ ଆର୍ଯ୍ୟ ମାନଙ୍କ ପରି ପ୍ରକୃତିକୁ ଦେବତା ମାନଙ୍କ ରୂପରେ ଉପାସନା କରୁଥିଲେ। କଶ୍ୟପ ପୃଥିବୀ ପୃଷ୍ଠରେ ଅବତରଣ କରିବା ପୂର୍ବରୁ ଉନ୍ନତ ଅସୁର ବା ଦାନବ ମାନଙ୍କର ସୃଷ୍ଟି ହୋଇ ନଥିଲା। ତାଙ୍କଠାରୁ ଦେବତା ଓ ଦାନବ ମାନେ ସୃଷ୍ଟି ହେଲେ ଏବଂ ସତ୍ୟଯୁଗର ଶେଷ ପର୍ଯ୍ୟନ୍ତଠାରୁ ଦ୍ୱାପର ଯୁଗ ପର୍ଯ୍ୟନ୍ତ ଦେବ ଓ ଦାନବ ମାନଙ୍କ ମଧ୍ୟରେ ବିବାଦଲାଗି ରହିଥିଲା। ଧ୍ରୁବଙ୍କ ବଂଶାନୁକ୍ରମରେ ପ୍ରାଚୀବ ରହି ନାମରେ ଜଣେ କୀର୍ତ୍ତିଶୀଳ ରାଜା ପୂର୍ବଦିଗରେ ରାଜତ୍ୱକରୁଥିଲେ। ପ୍ରାଚୀ ବରହିଙ୍କର ପ୍ରିୟତମା ପତ୍ନୀ ଥିଲେ ସମୁଦ୍ର କନ୍ୟା ଶତଦ୍ରୁତି । ବାସ୍ତବରେ ସେ ସମୁଦ୍ର ବିଭାଗର ସଚିବ ଅବା ଦ୍ୱୀପମାନଙ୍କର ଅଧିପତି ଥିଲେ ଶତଦ୍ରୁତି ଏପରି ଅପରୂପା, କମନୀୟା ଓ ଆକର୍ଷଣୀୟା ତରୁଣୀ ଥିଲେ ଯେ, ଦେବ, ଦାନବ, ଯକ୍ଷ, ରକ୍ଷ, ଗନ୍ଧର୍ବ ଏପରିକି ପଶୁପକ୍ଷୀମାନେ ତାଙ୍କ ସୌନ୍ଦର୍ଯ୍ୟ ରେମୁଗ୍ଧ ଓ ତାଙ୍କ ଅଧୀନ ହୋଇ ରହୁଥିଲେ। ତାଙ୍କର ପ୍ରାଚୀ ବରହିଙ୍କ ସହିତ ବିବାହକାଳରେ ସ୍ୱୟଂ ଅଗ୍ନି ତାଙ୍କ ରୂପରେ ଆକର୍ଷିତ ହୋଇ ଉର୍ଦ୍ଧ୍ୱ ମୁଖୀ ହୋଇଥିଲେ । ( ଚୁଲିରେ ନିଆଁ ଉଚ୍ଚକୁ ଜଳୁଥିବା ବେଳେ ତାହା ଉପରେ କୌଣସି ଶୁଷ୍କ ଇନ୍ଧନ ଦେଖାଇଲେ ଅଗ୍ନି ତାକୁ ସ୍ୱର୍ଶ କରିବା ପାଇଁ କିଛି ଉପରକୁ ଉଠିଯିବା ପରି ମନେ ହୁଏ।)

ପତ୍ନୀଙ୍କର ଏତାଦୃଶ ସୁଷମାର ଗୌରବରେ ଗୌରବାନ୍ୱିତ ଥିଲେ ସ୍ୱୟଂ ନୃପତି। ଉଭୟଙ୍କ ମିଳନରୁ ସଂପୂର୍ଣ୍ଣ ସମାନ ରୂପ ଗୁଣ ବିଶିଷ୍ଟ ଦଶଟି ଯମଜ ପୁତ୍ର ଶତଦ୍ରୁତିଙ୍କ ଗର୍ଭରୁ ଜନ୍ମ ନେଲେ । ଏ ସମସ୍ତଙ୍କର ନାମ ଥିଲା ପ୍ରଚେତସ । (ସମ୍ଭବତଃ ଦଶପ୍ରଚେତଶ ଦଶଟି ଦିବ୍ୟ ବିଦ୍ୟା ବହନ କରି ଥିବା ଜଣେ ମାନବ ହୋଇ ପାରନ୍ତି କିମ୍ବା ପ୍ରାଚୀ ବରହୀଙ୍କର ଦଶଟି ପ୍ରତିରୂପ ହୋଇ ପାରନ୍ତି। କାରଣ, ଦଶ ଜଣଙ୍କ ଠାରୁ ଗୋଟିଏ ପୁତ୍ର କିପରି ସୃଷ୍ଟି ହେବ ? ଯଦି ସେମାନେ ଦଶ ଜଣ, ଦକ୍ଷ ଜଣଙ୍କର ସନ୍ତାନ। ଏହା ହୋଇପାରେ ଯେ , ସେ କାହାର ସନ୍ତାନ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଯାଇ ନାହିଁ। ଏହା ମଧ୍ୟ ହୋଇପାରେ ଯେ, ଦକ୍ଷ ମଧ୍ୟ ଏମାନଙ୍କର ଏକ ପ୍ରତିରୂପ ଥିଲେ। ତେଣୁ, ବ୍ୟାସଦେବ ଦକ୍ଷ, ଦଶ ପ୍ରଚେତସଙ୍କର ଗୋଟିଏ ସନ୍ତାନ ବୋଲି ଲେଖିଥିଲେ କାରଣ ଏହି ପର୍ଯ୍ୟନ୍ତ ବିଜ୍ଞାନ କେବଳ ଦୁଇ ଜଣ ନାରୀ, ପୁରୁଷ ଓ ଅନ୍ୟ ଜଣେ ନାରୀର ଜରାୟୁ, ଏହି ଭଳି ତିନୋଟି ପିଢ଼ିରୁ ଏକ ଶିଶୁ ସୃଷ୍ଟି କରିପାରିଛନ୍ତି, ଯାହାଠାରେ ଅଧିକ ରୋଗ ପ୍ରତିଶେଧକ ଶକ୍ତି ରହିଛି) ପ୍ରଚେତସ ମାନେ ବିଷ୍ଣୁ ଭକ୍ତ ଥିଲେ। ସେମାନେ ଯୋଗ ବଳରେ ଶିବଙ୍କୁ ସାକ୍ଷାତକଲେ ଓ ବିଷ୍ଣୁଙ୍କ ଭଜନରେ ଉନ୍ମାଦ ଥିଲେ। ହଠାତ ବିଷ୍ଣୁ ବି ସେମାନଙ୍କ ସାମ୍ନାରେ ଆବିର୍ଭାବ ହେଲେ ଏବଂ ଅନ୍ତର୍ଦ୍ଧାନ ହୋଇ ଗଲେ। ସେମାନେ ବୃକ୍ଷ ମାନେ ଏହାର କାରଣ ବୋଲି ମନେକଲେ। ତେଣୁ ମୁଖରୁ ଯୋଗ ଅଗ୍ନି ବାହାର କରି ସେହି ବୃକ୍ଷମାନଙ୍କୁ ଦହନ କରିବାରେ ଲାଗିଲେ।.....

ତେବେ ବାସ୍ତବରେ କଣ ସେହି ସମୟରେ ବୈଜ୍ଞାନିକମାନେ ଦଶଜଣ ପୁରୁଷ ଏବଂ ଜଣେ ନାରୀଙ୍କଠାରୁ ଗୋଟିଏ ସନ୍ତାନ ଉତ୍ପାଦନ କରି ପାରିଥିଲେ ? ଏହା କିପରି ପଦ୍ଧତି ଥିଲା ??

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ନିର୍ବାଚନ ନୁହେଁ ଯୁଦ୍ଧ

### ଆଦ୍ୟାଶା ମହାପାତ୍ର

ନିର୍ବାଚନ ଏକ ଯୁଦ୍ଧ ଗୋଳ ନୁହେଁ
ଏହା ଏକ ପରମ୍ପରା
ଗଣତନ୍ତ୍ରର ଏ ମହାନ ପରବ
ଗଣଙ୍କ ଇଚ୍ଛାର ଧାରା ।

ହାରଜିତ କେବେ ଜୀବନରେ ଅବା
ନିର୍ବାଚନେ ଆସିଥାଏ
ସଂସାରରେ ସଦା ଏହା ପରା ସତ୍ୟ
ରାତି ପରେ ଦିନ ପ୍ରାୟେ ।

ହାରିଗଲ ଯଦି ବ୍ୟଥିତ ନହୋଇ
ଧରିବାକୁ ହେବ ଧୈର୍ଯ୍ୟ
ଦ୍ୱିଗୁଣିତ କଲେ ସାହସ ଶକତି
ପ୍ରତିଭାତ ହେବ ଶୌର୍ଯ୍ୟ ।

ରହେ ନାହିଁ ଝଡ଼ ଅଧିକ ସମୟ
ର ?ହେ ମାତ୍ର କିଛି କାଳ
ମୁଣ୍ଡ ପାତି ଦେଲେ ଆପେ ଚାଲିଯିବ
ଉନ୍ମତ୍ତ ଲହଡି ମାଳ ।

ଶିକ୍ଷା ଲାଭ ହୁଏ ଭୁଲ୍ ଭଟକାରୁ
ଜୀବନର ଚଲାପଥେ
ସମୟ ଶିଖାଏ ବଞ୍ଚିବାର କଳା
ଉର୍ଜା ଆଣି ଅବିରତେ ।

କୂଟନୀତି ଖେଳେ ହାରିଗଲ ଯଦି
କାଲିକ ମାରିବ ବାଜି
ହେଲେ ସ୍ୱାଭିମାନ ନହେଉ ସ୍ଖଳନ
ପୁରାତନ କଥା ହେଜି ।

ଜନତା ଆକ୍ରୋଶ ଭାବି ଶୁଭାଶିଷ
ସୁକର୍ମରେ ରୁହ ରତ
ଅସହାୟ ପାଶେ ଯଦି ଆଜି ଠିଆ
କାଲି ଖୁସି ହେବ ପ୍ରାପ୍ତ ।

+ନୂଆପଡା, କଟକ
ମୋ: ୯୦୪୦୯୭୭୩୨୭

## ବୋଉକୁ ଚିଠି

### ସ୍ମିଷ୍ଟା. ଜି. ମହାପାତ୍ର

ଏତେ ତାରାମେଳେ ତାରା ହୋଇଗଲୁ
ଖୋଜି ମୁଁ ପାଉନି ଜମା
ଆମକୁ ଛାଡି ତୁ କୋଉଠି ଅଛୁଲୋ
ତୋ ବିନା ଭଲ ଲାଗେନା...
ମନେ ପଡେ ବୋଉ ବେଳ ଅବେଳରେ
ଆଖିରୁ ଝରଇ ଲୁହ.
କଥା କୁହା ବାପା ନୀରବି ଗଲେଣି
ହୃଦୟେ ତାଙ୍କରି କୋହ..
କେତେ ବନ୍ଧୁ ଆମ ଆସି କରୁଥିଲେ
ଘରକୁ ଆମ ଗହଳି
ତୋ ଆବର୍ତ୍ତମାନେ ତାଙ୍କର ପରାଣ
ଯାଇଛି ବୋଧେ ଚହଲି..
ଆସନ୍ତିନି ବୋଉ ଆଉ କେହି ଏତେ
ଦୁଃଖେ ସୁଖେ ଯାହା ଦେଖା..
ଝୁରି ଝୁରି କ୍ଷୀଣ ହେଲେଣି ଲୋ ବାପା
ମନରେ ତାଙ୍କର ଶଙ୍କା..
ଚଉରା ମୂଳରେ ସଞ୍ଜ ବେଳେ ବୋଉ
ଝଲସେ ତୋହରି ମୁହଁ..
ହଳଦୀପରିକା ତୋ ଦିହ ରଙ୍ଗକୁ
କେମିତି ଭୁଲିବୁ କହ...
ସବୁ ଥାଇ ଏବେ ଏକୁଟିଆ ଲାଗେ
ଲେଖୁଛି ତୋତେ ମୁଁ ଚିଠି
କୋଉ ଜନମରେ ଏମିତି ଯିବୁନି
କରିଦେଇ କେବେ କଟି...

+ବାରିପଦା
ମୋ: ୮୪୮୦୯୧୧୯୨୭

## ସାଲିଆସାହି

### ସ୍ମିତା ପଣ୍ଡା

ଆମେ ଯାହାକୁ ରାଜଧାନୀ କହୁ
ତା ଭିତରେ ଗୋଟେ ସାଲିଆସାହି ଅଛି
ଜେନେରାଲ ବଗି ପରି
ଯୋଉଠୁ ବାହାରି ଯିବାକୁ କମ୍ ଲୋକ ଥାନ୍ତି
ଆସିବାକୁ ଅନେକ
ତଥାପି ସମସ୍ତଙ୍କ ପାଇଁ ଜାଗା ଥାଏ
ସାରା ଓଡ଼ିଶାର ପଡ଼ା ଗାଁ ଆଉ ଜିଲ୍ଲା
ପାରି ହେଇ ଆସିଥିବା
କବିତା ଓ କାହାଣୀ ମାନଙ୍କୁ
ଏତେ ଭିଡ଼ରେ ବି ସେ କୋଳେଇ ନିଏ ?
ବାଟ ଭୁଲେଇ ଦେଉଥିବା ସାହି ଭିତରେ
ନଗର ଓ ବିହାର
ଘର ଭିତରେ ଘର
କାନ୍ଥ ଡେଇଁ ଦାଣ୍ଡରେ ଛିଟିକି ପଡ଼େ
କେବେ ଚିପା ହସ କେବେ କାନ୍ଦଣାଲହର
ନୀଡ଼ ନାଆଁରେ ଠିଆ
ତିନି ମହଲା କୋଠାରେ ଡର ପଶେ
ସାହିର କାମ ବାଲି ସ୍ତ୍ରୀ ଲୋକ ବିଦା ହୁଏ
ଡେଙ୍ଗୁ କି କରୋନା ସମୟରେ
ଟିଭିରେ ଯେବେ ଖବର ଆସେ ?
ସ୍ୱପ୍ନ ଦେଖିବା ପାଇଁ ସେଠି
ମଦ ପିଉଥିବା ମଣିଷକୁ
ବେଶି ଗୋଲାପ ବିକ୍ରି ହୁଏ
କିଛି ସ୍ୱପ୍ନ ଫେରାର ହୋଇ ଯାଆନ୍ତି
ପାର୍କରୁ ଆନ୍ଧ୍ର କି କଲିକତା ଯାଏଁ
କିଛି ଦିନ ପାଇଁ
ତା ପରେ ସ୍ୱପ୍ନର ହିଁ ଗର୍ଭପାତ
ମଦ ଗୋଲାପ ଆଉ ରକ୍ତ
ତିନିଟା ଯାକର ଲାଲ ରଙ୍ଗରେ
ଭବିଷ୍ୟତ ଗଢ଼ା ହେଉଥାଏ
ଦି' ବଖୁରିଆ ଟଙ୍କିକିଆ ସ୍କୁଲରେ ?
ପ୍ରତିଶ୍ରୁତି ଆସେ ଅନେକ ଥର
ରାଲିରେ ଘୋଷଣାପତ୍ରରେ
ଯୋଜନାରେ ହେଲେ ସବୁ ସେମିତି ହଜିଯାଏ
ଗୋଟେ ଗୋଟେ ଅନ୍ଧାର ରାତିରେ
ଧୋଇଯାଏ ଅବିରତ ବର୍ଷାରେ
ନିତି ନୂଆ ବ୍ୟାନର ପିନ୍ଧି
ସାଲିଆସାହିର ଭାଗ୍ୟ ଓ ଭୋଟ୍‌ର
ସଂଖ୍ୟା ବଢୁଥାଏ
ଶିଖରଚଣ୍ଡୀ ଟପି ଆଗକୁ ଆଗକୁ
ରାଜଧାନୀ ଦେଖିବାକୁ
ସମସ୍ତେ କିନ୍ତୁ ଆସନ୍ତି କଳିଙ୍ଗ ଷ୍ଟାଡିୟମକୁ
କି ରବୀନ୍ଦ୍ର ମଣ୍ଡପକୁ ?

+ମୋ-୯୮୬୧୩୨୩୬୫୦

## ଜୀବନ ଦୁଇ ପାଖ

### ସୁନନ୍ଦା ମହାନ୍ତି

ଜୀବନର ଦୁଇ ପାଖ
କେବେ ବର୍ଷା କେବେ ଖରା
ଜୀବନର ଦୁଇପାଖ
କେବେ ଦିନ କେବେ ରାତି ପରା
ଜୀବନର ଦୁଇ ପାଖ
କେବେ ଦୁଃଖ କେବେ ଶୋକସାରା
ଜୀବନର ଦୁଇପାଖ
କେବେ ଚନ୍ଦ୍ର କେବେ ତାରା
ଜୀବନର ଦୁଇପାଖ
କେବେ ପାପ କେବେ ପୁଣ୍ୟ ପରା
ଜୀବନର ଦୁଇପାଖ
କେବେ ଶତ୍ରୁ କେବେ ମିତ୍ର ସାରା
କେବେ ଅସହଜ କେବେ ଆପଣାର
କେବେ ଶତଦଳ ପଙ୍କ ପଦ୍ମ ପୋଖରୀର
ନିଆଁ କେବେ ଧୂଆଁ ତୋର ମୋର
ବାଛ ବିଚାର ସଚରାଚର
କେବେ ସାହିତ୍ୟ କେବେ ଗଣିତ ସୂତ୍ରର
କେବେ ବନ୍ଧୁ କେବେ ବନ୍ଧୁତା ଖାତିରିର
କେବେ ନୋଟ ଖାତା କେବେ ରଫ ଖାତା
ଜୀବନ କେବେ ଅଳୀକ
କେବେ କୋକିଳସ୍ୱର
କେବେ ବୈଦିକ କେବେ ବ୍ୟଭିଚାର
କେବେ ପୁଷ କେବେ ଶୀତ କେବେ
ବରଷା ଝଙ୍କାର ଟୋପି ଟୋପା
ମୁକ୍ତା ମହ୍ଲାର

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଡବଲ ଇଞ୍ଜିନ ସରକାରରେ ମହାନଦୀ ବିବାଦ ସମାଧାନ ସହଜ ହେବ : ପ୍ରସନ୍ନ ଆଚାର୍ଯ୍ୟ



ଭୁବନେଶ୍ୱର,୧୯।୦୬(ନି.ପ୍ର): ରାଜ୍ୟରେ ନୂଆ ସରକାର ଗଠନ ପରେ ତେଜିଲା ମହାନଦୀ ଜଳ ବିବାଦ ପ୍ରସଙ୍ଗ। ମହାନଦୀ ପାଣିକୁ ନେଇ ଶାସକ ବିଜେପି-ବିଜେଡି ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଏବେ ରାଜ୍ୟ-କେନ୍ଦ୍ର ଓ ପଡୋଶୀ ଛତିଶଗଡରେ ସମାନ ସରକାର ରହିଛନ୍ତି, ତେଣୁ ଆଶା କରୁଛୁ ମହାନଦୀ ଜଳ ବିବାଦ ଶୀଘ୍ର ସମାଧାନ ହେବ। ମହାନଦୀରେ ପାଣି ଶୁଖି ଗଲାଣି। ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିଲେ ଭଲ ହେବ। ସେପଟେ ବିଜେଡି ବିଧାୟକଙ୍କ ମନ୍ତବ୍ୟରେ ଜବାବ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବିଜେଡି ରାଜ୍ୟରେ ୨୪ବର୍ଷ ସରକାରରେ ଥିଲା। ମହାନଦୀ ପ୍ରସଙ୍ଗ ଏବେର ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ଏସମ୍ପର୍କରେ କେତେ ଥର ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ବୋଲି ପ୍ରଶ୍ନ କରିଛନ୍ତି ସୁରେଶ। ଓଡ଼ିଶା ବହୁତ କ୍ଷତି ସହିଲାଣି। ନୂଆ ସରକାର ଛତିଶଗଡ ଓ କେନ୍ଦ୍ର ସରକାରଙ୍କ ସହ ସାମ୍ବିଧାନିକ ଫୋରମରେ ଆଲୋଚନା କରି ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବେ ନିଷ୍ଚୟ ବୋଲି ସୁରେଶ କହିଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି ତ୍ରିପଲ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦ ପ୍ରସଙ୍ଗ ଶୀଘ୍ର ସମାଧାନ ହେବ ବୋଲି ଭାବୁଛୁ। ଛତିଶଗଡରେ ବିଜେପି, ଓଡ଼ିଶାରେ ବିଜେପି ଓ କେନ୍ଦ୍ରରେ ସମାନ ସରକାର ଥିବାରୁ ସମାଧାନର ବାଟ ଫିଟିବ।

# ଜଳେଶ୍ୱର ନୃତ୍ୟଶିଖା ରଜ କୁଇନ

## ସବ ଜୁନିୟର-ପ୍ରିୟ ଦର୍ଶନୀ ପରିଡ଼ା, ଜୁନିୟର-ଶୁଭଶ୍ରୀ ଗିରି,ସିନିୟର-ନନ୍ଦିନୀ




ଜଳେଶ୍ୱର,୧୯।୦୬(ନି.ପ୍ର):କଳା ସଂସ୍କୃତି ଅଞ୍ଚଳ ଭାବେ ଖ୍ୟାତ, ଜଳେଶ୍ୱର ସହରରେ ୨ଦିନ ଧରି ହେଉଥିବା ରଜ ମହୋତ୍ସବ ଓ ରଜ କ୍ୟୁଇନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ସଂଧ୍ୟା, ଷ୍ଟେସନ ବଜାର, ମିଲ ବାଡି ସ୍ଥିତ ପଡ଼ିଆରେ, ନାଟ୍ୟ ଗୁରୁ ରାଧାକୃଷ୍ଣ ଗିରି ଙ୍କ ସଭାପତିତ୍ୱରେ,ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଥାନାଧିକାରୀ ରଞ୍ଜନ କୁମାର ସେଠୀ, ପୂର୍ବତନ ମ୍ୟୁନିସିପାଲଟି ଅଦ୍ଧକ୍ଷ ସୁନିଲ୍ ପରିଡ଼ା,ଟିଏମ ଟାଇଟନ ମୁଖ୍ୟ ପାର୍ଥ ସାରଥି ଦାସ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସାମ୍ବାଦିକ ଗୋପବନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ପାରମ୍ପରିକ ଗଣ ଉତ୍ସବ ମହତ୍ତ୍ୱ ସମ୍ପର୍କରେ ଭାଷଣ ରଖିଥିଲେ।ଏହି ରଜ କ୍ୟୁଇନ ପ୍ରତିଯୋଗିତା ରେ ବାଲେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା, ରାଇବଣିଆ ଅଞ୍ଚଳରୁ ପ୍ରାୟ ୬୦ ଜଣ ପ୍ରତୀଭାବାନ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ, ନୃତ୍ୟ ,ସଂଗୀତ, ଅଭିନୟ,ରାମ୍ପ ୱାର୍କ,କ୍ୟୁଜ,ପୋଷାକ,ରୂପସଜ୍ଜା ବିଭାଗରେ ମୂଲ୍ୟାଙ୍କନ ହୋଇଥିଲା। ୭ରୁ୧୦ ସବ୍ ଜୁନିଅର ସ୍ୱର୍ଦ୍ଧାରେ ଜଳେଶ୍ୱର ପୌରାଞ୍ଚଳର ପ୍ରିୟଦର୍ଶନୀ ପରିଡ଼ା,୧୧ରୁ୧୫ ସ୍ୱର୍ଦ୍ଧାରେ ଭୋଗରାଇ ର ଶୁଭଶ୍ରୀ ଗିରି ଓ ୧୬ରୁ ୨୦ ବୟସ ସ୍ୱର୍ଦ୍ଧାରେ ବସ୍ତା ଅଞ୍ଚଳର ନନ୍ଦିନୀ କିରଣ, ଜଳେଶ୍ୱର ନୃତ୍ୟ ଶିଖା ରଜ କ୍ୟୁଇନ ମୁକୁଟ ପିନ୍ଧିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି ଭାବେ, ବିଶିଷ୍ଟ ବ୍ୟବସାୟୀ ସୁନିଲି କୁମାର ପରିଡ଼ା, ପ୍ରିତୀ ରାଣୀ ପରିଡ଼ା, ସମାଜସେବୀ ଗିରିଜା ଶଙ୍କର ଦାସ,ପାର୍ଥ ସାରଥି ଦାସ,ମେ ଆଇ ହେଲ୍ପ ୟୁ ସଂଗଠନର ସମ୍ପାଦକ ଜଗନ୍ନାଥ ପରିଡା, ସାଇରାମ ହୋଟେଲ ମାଲିକ ସୁଜିତ ଗିରି, ବ୍ୟବସାୟୀ ଦେବାଶିଷ ଚୌଧୁରୀ ପ୍ରମୁଖ ୩ ବିଜୟିନୀ ଙ୍କୁ କ୍ରାଉନ, ମାନପତ୍ର, ରଜ କ୍ୟୁଇନ ଉତ୍ତରୀ,ନଗଦ ଅର୍ଥରାଶି, ମେମୋଣ୍ଟ ପ୍ରଦାନ କରିଥିଲେ।ଭାଗ ନେଇଥିବା ସମସ୍ତ ପ୍ରତୀଯୋଗି ଙ୍କୁ ସାନ୍ତ୍ୱନା ମୂଳକ ଭାବେ ମାନପତ୍ର ଓ ମେଡାଲ ପ୍ରଦାନ ହୋଇଥିଲା। ୮ଜଣ ବିଚାରକ ମଣ୍ଡଳୀ ଭାବେ, ଅଭିନୟରେ- ନାଟ୍ୟ ଗୁରୁ ରାଧାକୃଷ୍ଣ ଗିରି, ସାମ୍ବାଦିକ ଦୁର୍ଗା ଶଙ୍କର ଗିରି, କଷ୍ଟୁମ ଏବଂ ମେକପ୍ ରେ- ନିବେଦିତା ପ୍ରଧାନ, ମୋନାଲିସା ସାହୁ, ନୃତ୍ୟ ରେ- ପ୍ରୀତମ ପ୍ରଭା ଜେନା, ବିଶ୍ୱ ରୂପା ଦେ, ତନୁଜା ବିଶ୍ୱାଳ ଓ ଆଲିଶା ଚାନ୍ଦ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଳେଶ୍ୱର ନୃତ୍ୟ ଶିକ୍ଷା ଫାଉଣ୍ଡେସନର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସୁଶାନ୍ତ ବେହେରା ମଞ୍ଚ ଆହ୍ୱାନ,ଉଦ୍ଦେଶ୍ୟ ଜ୍ଞାପନ,କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସେହି ମଞ୍ଚରେ କୁନି ନୃତ୍ୟଶିଳ୍ପୀ ଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁଭାଶିଷ ଗିରି(ପପି) ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ

# ଦ୍ୱାରିକେଶ୍ୱରୀଙ୍କ ପୂର୍ଣ୍ଣାଙ୍ଗ ମନ୍ଦିର ନିର୍ମାଣ ନ ହେବା ବିଡମ୍ବନା



ବାଲିଆପାଳ,୧୯।୦୬(ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି ସ୍ଥିତ ଦେବୀ ଦ୍ୱାରିକେଶ୍ୱରୀଙ୍କ ପୂର୍ଣ୍ଣାଙ୍ଗ ମନ୍ଦିର ର ନିର୍ମାଣ ଅଦ୍ୟାବଧି ହୋଇ ନ ପାରିବା ବିଡମ୍ବନା ବୋଲି ଏବେ ସଧାରଣରେ ଆଲୋଚନା ହେଉଛି। ପୂର୍ବ ସରକାରର ୫ଟି ଯୋଜନା ଏଠାରେ କାର୍ଯ୍ୟକାରୀ ହୋଇ ନାହିଁ। କେବଳ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହାର ଯାହା କିଛି ଉନ୍ନତି ହୋଇଛି। ନୂଆ ସରକାର ଏହି ପ୍ରାଚୀନ ଦେବୀ ପୀଠର ଉନ୍ନତି ପାଇଁ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି କରାଯାଇଛି। ଏହି ପୀଠ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। କିମ୍ବଦନ୍ତୀ ଅନୁସାରେ , ବାଲିଆପାଳ ର ଐତିହାସିକ ଦୁର୍ଗ ଦେଉଳା କାନ୍ଥିର ଅଧିଶ୍ୱରୀ ଦେବୀ ଥିଲେ ଦ୍ୱାରିକେଶ୍ୱରୀ। ଦୁର୍ଗ ର ପତନ ପରେ ଠାକୁରାଣୀ ଙ୍କୁ ବିଧର୍ମୀ କଳାପାହାଡ଼ ଭୟରେ ଭକ୍ତମାନେ ସମୁଦ୍ରକୁ ନିକ୍ଷେପ କରିଥଲେ। ମାତ୍ର ଦ୍ୱାରିକେଶ୍ୱରୀ ନିଜର ଲୀଳା ପ୍ରକଟ ତଥା ଭକ୍ତମାନଙ୍କ ଉଦ୍ଧାର ପାଇଁ ସମୁଦ୍ର କୂଳରେ ଏକ ଅଶ୍ୱତଥ ଗଛ ମୂଳରେ ସ୍ୱୟଂ ପ୍ରକଟ ହୋଇଥିଲେ। ପ୍ରାୟେ ଦେଢ଼ ଶହ ବର୍ଷ କିମ୍ୱା ତାହା ଠାରୁ ଅଧିକ ବର୍ଷର ହେଉ ଛନ୍ତି ଏହି ଠାକୁରାଣୀ। ମା ’ ଙ୍କର ମୁଖ୍ୟ ଭୋଗ ହେଉଛି କ୍ଷୀରି ଭୋଗ। ପୂର୍ବେ ଠାକୁରାଣୀଙ୍କ ଚତୁଃ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଥିଲା।ଏହାର ପ୍ରଥମ ପୂଜକ କିଏ ତାହା ଅଦ୍ୟାବଧି ଜଣା ଯାଇ ନାହିଁ। ଠାକୁରାଣୀଙ୍କ ମୁଖ୍ୟ ପର୍ବ ହେଉଛି ଚଇତି ପର୍ବ। ସ୍ଥାନୀୟ ପ୍ରତାପପୁର ଗ୍ରାମର ସ୍ୱର୍ଗତ ପଦ୍ମଲୋଚନ ସାହୁ ମା ’ ଙ୍କ ମହିମାରେ ମୁଗ୍ଧ ହୋଇ ଘରଟିଏ ତୋଲାଇ ଥିଲେ।୨୦୦୯ ମସିହାରେ ତତ୍କାଳୀନ ବିଧାୟକ ଜୟନାରାୟଣ ମହାନ୍ତି ତାଙ୍କ ଉନ୍ନୟନ ପାଣ୍ଠିରୁ ଅର୍ଥ ବ୍ୟୟ କରି ଚାଳ ଘରକୁ ମନ୍ଦିର ରୂପ ଦେଇ ଥିଲେ। ଏବେ ତାହା ମଧ ଭାଙ୍ଗି ରୁଜି ଗଲାଣି। ମନ୍ଦିରକୁ ଲାଗି କରି ଦ୍ୱାରିକା ସାପ୍ତାହିକ ହାଟ ବସେ। ହାଟ ସନ୍ଧ୍ୟାରୁ ଆରମ୍ଭ ହୋଇ ମଧ ରତ୍ରି ପର୍ଯ୍ୟନ୍ତ ଚାଲେ। ପାନ ଓ ମାଛ ହାଟ ପାଇଁ ଏହା ପ୍ରସିଦ୍ଧ। ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ପୀଠର ଉନ୍ନତି ପାଇଁ ଆଗେଇ ଆସିଲେ ଏହା ଏକ ପୂର୍ଣ୍ଣାଙ୍ଗ ମନ୍ଦିରର ରୂପ ନେଇ ପାରନ୍ତା। ପୀଠ କୁ ଯିବା ପାଇଁ ଭଲ ରାସ୍ତା ଟିଏ ନାହିଁ।ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆ ଯାଇ ପାରନ୍ତା। ଠାକୁରାଣୀଙ୍କ ଜାହିରା ଥିବାରୁ ବର୍ଷ ତମାମ୍ ଏଠାରେ ଭକ୍ତଙ୍କ ଭିଡ ଲାଗି ରହିଥାଏ। ରାତ୍ରି ରହଣି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ବାଧ ହୋଇ ଫେରି ଯାଆନ୍ତି। ନିକଟରେ ବଙ୍ଗୋପ ସାଗର ଥିବାରୁ ଯାତ୍ରୀମାନେ ସମୁଦ୍ରରେ ଗାଧୋଇବାର ମଜା ନେଇ ପାରନ୍ତେ। ବାଲେଶ୍ୱର ସାଂସଦ ଓ ବସ୍ତା ବିଧାୟିକା ଏଥି ପ୍ରତି ଦୃଷ୍ଟି ଦେବାକୁ ସଧାରଣ ରେ ଦାବି ହୋଇଛି।

# ଜୁଲାଇ ୮ରେ ଖୋଲିବ ରତ୍ନଭଣ୍ଡାର



ପୁରୀ,୧୯।୦୬(ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆସନ୍ତା ଜୁଲାଇ ୮ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବ। ବୁଧବାର ଏ ନେଇ ସୂଚନା ଦେଇଛନ୍ତି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଅଧୀକ୍ଷକ ଡି. ବି. ଗଡ୍ନାୟକ। ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥ ଲେଜର ସ୍କାନିଂ କରାଯାଇଛି। ରତ୍ନଭଣ୍ଡାର ଅନୁଧ୍ୟାନ କରାଯିବା ପରେ ତାହାର ମରାମତି କରାଯିବ। ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ବିଜେପି ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଆସିଥିଲା। ରାଜ୍ୟରେ ବିଜେପି ସରକାର ଗଢ଼ିଲେ ରତ୍ନଭଣ୍ଡାର ଖୋଲାଯିବା ସହିତ ଚାବି ହଜିବା ଘଟଣାର ତଦନ୍ତ କରାଯିବ। ତଦନୁଯାୟୀ ବିଜେପି ସରକାର ଗଠନ କରିବା ପରେ ଏହି ପଦକ୍ଷେପ ନେଇଥିବା କୁହାଯାଉଛି।

# ବଡ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇ ମୃତ

ଅନୁଗୁଳ,୧୯।୦୬(ନି.ପ୍ର): ଅନୁଗୁଳ ଜିଲ୍ଲା ଜରାସିଂହା ପୁରୁଣା ସାହିରେ ଅଭାବନୀୟ ଘଟଣା ଘଟିଛି। ବଡ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇର ମୃତ୍ୟୁ ଘଟିଛି। ମୃତକ ଗଦା ନାୟକ ବୋଲି ଜଣାପଡିଛି। ସୂଚନା ଅନୁସାରେ ମଙ୍ଗଳବାର ଗଦା ଗାଁ ନିକଟରେ ଥିବା ଏକ ରାଇସ୍ ମିଲ୍‌ରୁ କାମ ସାରି ଘରକୁ ଫେରିଥିଲେ। ପରେ କୌଣସି ପାରିବାରିକ ସମସ୍ୟାକୁ ନେଇ ତାଙ୍କ ବଡ ଭାଇ ବିରଞ୍ଚିଙ୍କ ସହ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବିରଞ୍ଚି ଏକ ଟାଙ୍ଗିଆରେ ଗଦାଙ୍କୁ ହାଣି ହତ୍ୟା କରିଥିଲେ। ସକାଳୁ ଗଦାଙ୍କ ସ୍ତ୍ରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରେ ପୁଲିସ୍ ଖବର ପାଇ ଘଟଣାସ୍ଥଳକୁ ଆସି ଅଧିକ ତଦନ୍ତ ଜାରି ରଖିଛି। ସେପଟେ ଅଭିଯୁକ୍ତ ହତ୍ୟା କରିବା ପରେ ଫେରାର ହୋଇଯାଇଛି।

# ଗୋପାଳପୁରରେ ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାକୁ ଦାବି



ଗୋପାଳପୁର,୧୯।୦୬(ନି.ପ୍ର): ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ କନିଷ୍ଠ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ ଓ ବିଡ଼ିଓ ଅଂଶୁମାନ ମହାପାତ୍ରଙ୍କୁ ସାକ୍ଷାତ କରି ଗୋପାଳପୁର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଗତ ଏକ ଦଶନ୍ଧି ଧରି ବେଆଇନ ଭାବେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଏହାସହ ଅଫିସରେ ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ନିବେଦନ କରି ଦାବି ଜଣାଇଛନ୍ତି। ବିଜେପି କର୍ମୀ ବାଲ୍ୟ ରାମ ଦଳାଇ,ସୁନିଲ କୁମାର ପାତ୍ର,ଡବ୍ଲ୍ୟୁ ବାଲକ୍ରିଷ୍ଣା, ରଜତ ପଣ୍ଡିତଙ୍କ ସମେତ କିଛି ନେତା ଉଭୟ ଙ୍କୁ ମିଶି ଗତ ଦଶନ୍ଧି ଧରି ଅଞ୍ଚଳରେ ବେଆଇନ ଭାବେ କୋଟି କୋଟି ଟଙ୍କାର ମରମ, ପଥର, ବାଲି ଚୋରା ଚାଲାଣ ଓ ମଦ ମାଫିଆଙ୍କ ଦ୍ୱାରା ଗାଁ ଗାଁରେ ଗଢ଼ି ଉଠିଥିବା ଦେଶୀ, ବିଦେଶୀ ମଦ ଓ ନକଲି ମଦ ବିକ୍ରି ଏବଂ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିବା ନକଲି ଦେଶୀ/ବିଦେଶୀ ମଦକୁ ରୋକ ଲଗାଇବା ଦିଗରେ ଅନୁରୋଧ କରିଥିଲେ ।

# ୧୨ ଫୁଟ ଲମ୍ବର ଅଜଗର ଉଦ୍ଧାର



ଫୁଲବାଣୀ,୧୯।୦୬(ନି.ପ୍ର): କନ୍ଧମାଳ ଜିଲା ଟିକାବାଲି ବ୍ଲକ ଅନ୍ତର୍ଗତ ତେନ୍ତୁଳିଗଡରୁ ୧୨ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଗ୍ରାମର ରାସ୍ତାପାର୍ଶ୍ୱରେ ଉକ୍ତ ଅଜଗର ସାପ ରହିଥିବା ଗ୍ରାମବାସୀ ଦେଖିବା ପରେ ତୁରନ୍ତ ସ୍ନେକ୍ ହେଲ୍‌ପଲାଇନ ସଦସ୍ୟଙ୍କୁ ଖବର ଦେଇଥିଲେ। ଖବର ପାଇ ହିରୋ ନାୟକ ଏବଂ ନିଳ ମାଧବ ପାତ୍ରଙ୍କ ସମେତ ମଣ୍ଟୁ ମହାରଣା ଓ ଶରତ ବଗର୍ତ୍ତୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସାପକୁ ସତର୍କତାର ସହିତ ଗ୍ରାମର ଯୁବକମାନଙ୍କ ସହଯୋଗରେ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ିଥିଲେ।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା ପୁନଃ ଆରମ୍ଭ

ଜୟପୁର, ୧୮/୬ (ନି.ପ୍ର): ଆଜି କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନେ ପ୍ରୋଭିଡେଂଟ ଫଣ୍ଡ୍ ଟଙ୍କା ୨୦୨୦ ଏପ୍ରିଲ୍ ରୁ ଜମା କରି ପେନସନ ପାଇଁ ସୁବିଧା କରିବା, ଦୁଇଟି ପି ଏଫ୍ କୋଡ୍ ଗୋଟିଏ କରିବା, ବକେୟା ପାଉଣା ଦେବା, ଗ୍ରାଚ୍ୟୁଇଟି ଓ ମୃତ ଶ୍ରମିକଙ୍କ ଇଡିଏଲଆଇ ବେନିଫିଟ୍ ସୁବିଧା କରିବା, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ କାମ କରିଥିବା ସମୟର ଦରମା ଦେବା ଦାବି କରି ପୁନର୍ବାର କାଗଜ କଳ ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣା ଆରମ୍ଭ କରିଛନ୍ତି। ତେଣୁ ଛିଡା ହୋଇ ବ୍ୟାନର୍ ଧରି ସକାଳ ୭.୦୦ ଠାରୁ ୯.୦୦ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ଦେଇଥିଲେ। ପ୍ରକାଶ ଥାଉକି ଦୀର୍ଘ ପାଂଚ ବର୍ଷ ହେଇଗଲା ଶ୍ରମିକ ମାନଙ୍କ ର ପି ଏଫ୍ ସମସ୍ୟା ସମାଧାନ ହୋଇ ପାରିନାହିଁ ଏବଂ ପେନସନ୍ ପାଇପାରୁ ନାହାଁନ୍ତି। ୨୦୧୮ ରୁ ଶ୍ରମିକ ମାନେ ବକେୟା ପାଉଣା ଓ ଗ୍ରାଚ୍ୟୁଇଟି ପାଇଁ ନାହାଁନ୍ତି । ସଦର ଥାନା ଆଇ ଆଇ ସି ଏବଂ ଉପ ଜିଲ୍ଲାପାଳଙ୍କ ଅନୁରୋଧ କରିଛନ୍ତି ଯେ , ପ୍ରଶାସନ ହସ୍ତକ୍ଷେପ ଆରମ୍ଭ କରିଛି ଏବଂ ଖୁବ୍ ଶୀଘ୍ର ପୁନର୍ବାର ମିଳିତ ବୈଠକ କରି ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ, ଏଣୁ ଧାରଣା ନକରି ପ୍ରଶାସନ ଉପରେ ବିଶ୍ୱାସ ରଖନ୍ତୁ। ଆଜି ସଂଧ୍ୟାରେ ବୈଠକ କରି ଅବସରପ୍ରାପ୍ତ ଶ୍ରମିକ ମାନେ ଆଗାମୀ ପଦକ୍ଷେପ ପାଇଁ ନିଷ୍ପତି ନେବାକୁ ସ୍ଥିର କରିଛନ୍ତି । ଆଜିର ଧାରଣା ବିକ୍ଷୋଭ ରେ ଭି ରବି କୁମାର,ପ୍ରମୋଦ କୁମାର ମହାନ୍ତି, ବସନ୍ତ ବେହେରା, ପ୍ରହଲ୍ଲାଦ ମଲ୍ଲିକ, ସୁଦର୍ଶନ ବିଷୋୟୀ, ଯୁଧିଷ୍ଠିର ସ୍ୱାଇଁ,ଆର୍ କେ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଗୋଟିଏ ବିଷୟ ଉପସ୍ଥିତ ଅବସରପ୍ରାପ୍ତ ଶ୍ରମିକ ମାନେ ସ୍ଥିର କରିଛନ୍ତି ଯେ, ଯଦି ସମାଧାନ ନହୁଏ ପ୍ରତିଦିନ ଦୁଇ ଜଣକରି ଅନବରତ ଧାରଣା ରେ ବସିବେ ।

# ପୁରସ୍କାର ରାଶି ଦାନକଲେ ଡା ରାମଚନ୍ଦାନୀ: ୧୦ ଜଣ କର୍କଟ ରୋଗୀଙ୍କୁ ୫ହଜାର ଲେଖାଏଁ ପ୍ରଦାନ



ବୁର୍ଲା,୧୯।୦୬(ନି.ପ୍ର): ପୁଣି ଚର୍ଚ୍ଚାରେ ଡାକ୍ତର ରାମଚନ୍ଦାନୀ। ସାମାଜିକ ସେବା ପାଇଁ ଲାଭ କରିଥିବା ସମ୍ମାନର ଅର୍ଥରାଶିକୁ ପ୍ରଦାନ କରି ଭିମ୍ସାର ମେଡିସିନ୍ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ କର୍କଟ ରୋଗୀଙ୍କୁ ଦାନ କରି ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। କିଛିଦିନ ପୂର୍ବରୁ ଡା ରାମଚନ୍ଦାନୀ ପ୍ରଫେସର ରାଧାମୋହନ ସ୍ମୃତି ସମ୍ମାନରେ ସମ୍ମାନୀତ ହୋଇଥିଲେ। ନିଃସ୍ୱାର୍ଥ ରୋଗୀ ସେବା ପାଇଁ ରାଧାମୋହନ ସ୍ମୃତି କମିଟି ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ପୁରସ୍କାର ଭାବେ ମାନପତ୍ର ସହ ତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ୫୦ ହଜାର ଟଙ୍କାକୁ ଡା ରାମଚନ୍ଦାନୀ ୧୦ ଜଣ କର୍କଟ ରୋଗୀଙ୍କ ମଧ୍ୟରେ ୯ ଜଣ ରୋଗୀଙ୍କୁ ୫ ହଜାର ଲେଖାଏଁ ଦାନ କରିଛନ୍ତି। କର୍କଟ ରୋଗୀ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଥିବାବେଳେ ଜଣେ ଛତିଶଗଡ଼ ରାଜ୍ୟର ବୋଲି ଜଣାପଡ଼ିଛି। ତେବେ ରାମଚନ୍ଦାନୀ ଙ୍କ ଦ୍ୱାରା ଏକ ଟଙ୍କିକିଆ କ୍ଲିନିକ୍ ସହିତ ଟଙ୍କିକିଆ ଔଷଧ ସେବା ଏବଂ ପରୀକ୍ଷା ସେବା ନିୟମିତ ଯୋଗାଇ ଅନେକ ଗରିବ ରୋଗୀ ଉପକୃତ ହୋଇ ଆସୁଛନ୍ତି। ଡାକ୍ତର ରାମଚନ୍ଦାନୀ ଏହିଭଳି ଭାବରେ ନିୟମିତ ଭାବରେ ବିଭିନ୍ନ ବର୍ଗର ଗରିବଙ୍କୁ ସହାୟତା ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହୋଇ ଆସୁଛନ୍ତି।

# ଉଦଳା ଏନ୍ଏସି ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ପ୍ରସ୍ତୁତି




ଉଦଳା , ୧୯/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଆଜି ଜୁନ ୧୮ ତାରିଖ ମଙ୍ଗଳବାରଦିନ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ନିର୍ବାହି ଅଧିକାରୀ ଜଗନ୍ନାଥ ବେହେରା ଉକ୍ତ ବୈଠକରେ ଅଧକ୍ଷତା କରି ଅତିତରେ ଓଡ଼ିଶା କିପରି ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରିଛି ଓ ଏହାର ସଫଳ ମୁକାବିଲା ପାଇଁ ସମଗ୍ର ପୃଥିବୀରେ ସୁନାମ ଅର୍ଜନ କରିଛି ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଏହାପରେ ସ୍ଥାନୀୟ ଦମକଳ ବିଭାଗ, ପାନୀୟଜଳ ବିଭାଗ, ଉପଖଣ୍ଡ ସରକାରୀ ଚିକିତ୍ସାଳୟ, ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତା, ସାମ୍ବାଦିକ, ପୋଲିସ କର୍ମଚାରୀ ଓ ବିଭିନ୍ନ ୱାର୍ଡ଼ର କାଉନସିଲର ମାନେ ଉପସ୍ଥିତ ରହି ଯେ କୌଣସି ପ୍ରକାର ବିପର୍ଯ୍ୟୟ ଆସିଲେ ମଧ ଏହାକୁ ସାମନା କରିବାକୁ ଆମେ କିପରି ପ୍ରସ୍ତୁତ ଅଛୁ ଅବଗତ କରାଇଥିଲେ । ନଗରପାଳ ପ୍ରମିଳା ପଣ୍ଡା ବିପର୍ଯ୍ୟୟ ମୁକାବିଲା ପାଇଁ ସରକାର କିପରି ସବୁ ସମୟରେ ପ୍ରସ୍ତୁତ ଅଛନ୍ତି, ଏପରିକି ବିଗତ କରୋନା ମହାମାରୀ ସମୟରେ ବନ୍ଦେ ଭାରତ ମିଶନ ଯୋଗେ ୨.୯୭ କୋଟି ଲୋକଙ୍କୁ ଦେଶକୁ ଫେରାଇ ଆଣିବା ଏବଂ ସୁଦାନ, ୟୁକ୍ରେନ, ଲିବିୟା ଓ ୟମନରୁ ପାଖାପାଖି ୩୦ ହଜାର ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କିପରି କରାଯାଇଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଉପନଗରପାଳ ଲିଲି ଭୋଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କାଉନସିଲର ଶରତଚନ୍ଦ୍ର ଦାସ, ଶୁଭଦୀପ ମହାନ୍ତି, ବିଶ୍ୱରଂଜନ ମୋଦି, ଧିରେନ୍ଦ୍ର ଖଣ୍ଡେଲୱାଲ, ସ୍ୱେଚ୍ଛାସେବି ଗଦାଧର ଦାଶ, ସୁବ୍ରତ କୁମାର ମହାନ୍ତି, କର୍ମଚାରୀ ସଂଜୟ କୁମାର ପାଢ଼ି ସହଯୋଗ କରିଥିଲେ ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି: ସମୀକ୍ଷା କଲେ ଜିଲ୍ଲାପାଳ

ଭଦ୍ରକ, ୧୯/୬ (ନି.ପ୍ର): ମିଳିତ ଜାତିସଂଘ ଦ୍ୱାରା ଅନୁମୋଦନ ଅନୁଯାୟୀ ଜୁନ୍ ୨୧ ତାରିଖକୁ ପ୍ରତିବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଆସୁଅଛି । ଚଳିତ ବର୍ଷ ଏହି ଦିବସ ପାଳନ ଉପଲକ୍ଷେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସି ବୈଠକ ଜରିଆରେ ସମଗ୍ର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ସୂଚନାଯୋଗ୍ୟକି ଏହି ଦିବସ ଜିଲ୍ଲା, ବ୍ଲକ୍, ପୌରାଞ୍ଚଳ, ସ୍କୁଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସି.ଏଚ୍.ସି., ପି.ଏଚ୍.ସି. ସ୍ତରରେ ଓ ସଂପୃକ୍ତ ସ୍ୱତନ୍ତ୍ର ସ୍ଥାନରେ ପାଳନ କରାଯିବ । ଭଦ୍ରକ ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମ ନେହେରୁ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେବ । ସେଠାରେ ପ୍ରାୟ ୫୦୦ ଲୋକ ଯୋଗାଭ୍ୟାସ ପ୍ରଦର୍ଶନରେ ଅଂଶ ଗ୍ରହଣ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ସେହିପରି ବ୍ଲକ୍ ଓ ପୌରାଞ୍ଚଳ ସ୍ତରରେ ୨୦୦ ଅଂଶ ଗ୍ରହଣକାରୀଙ୍କ ସମାଗମ ନେଇ ସଂପୃକ୍ତ ପ୍ରଶାସନ ତରଫରୁ ପ୍ରସ୍ତୁତି କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବ୍ଲକ୍ ପାଇଁ ବି.ଡ଼ି.ଓ., ପୌରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ର ନୋଡ଼ାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ । ସକାଳ ୬ଟାରୁ ୭ଟା ମଧରେ ପଞ୍ଜିକରଣ ଓ ୭ଟା ରୁ ୮ ମଧରେ ପ୍ରାର୍ଥନା , ଯୋଗାସନ, ପ୍ରାଣାୟମ୍, ଧ୍ୟାନ ଶାନ୍ତି ମନ୍ତ୍ରପାଠ, ଶପଥ ଗ୍ରହଣ ଆଦି କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କ ସଂକ୍ଷିପ୍ତ ସମ୍ଭାଷଣ, ପ୍ରଶଂସାପତ୍ର ପ୍ରଦାନ କାର୍ଯ୍ୟକ୍ରମ ସହ ଯୋଗ ଦିବସ ପାଳନ ଉତ୍ସବକୁ ଉଦ୍‌ଯାପନ କରାଯିବ । ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଖୋଲା ପଡ଼ିଆ, କଲ୍ୟାଣ ମଣ୍ଡପ ବା ବଡ଼ ସମ୍ମିଳନୀ କକ୍ଷମାନଙ୍କରେ ଆୟୋଜନ କରାଯାଇ ପାରିବାନେଇ ଜିଲ୍ଲାପାଳ ପ୍ରକାଶ କରିଥିଲେ । ପାନୀୟ ଜଳ, ଓ.ଆର୍.ଏସ୍. କାର୍ଯ୍ୟକ୍ରମ ସ୍ଥାନରେ ମହଜୁଦ ରଖିବା ପାଇଁ ମଧ ସେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦତ୍ତ, ସମସ୍ତ ବି.ଡ଼ି.ଓ. ତହସିଲଦାର ଏବଂ ସଂପୃକ୍ତ ଜିଲ୍ଲାସ୍ତରୀୟ, ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଆଭାସି ଜରିଆରେ ଏହି ବୈଠକରେ ଯୋଡ଼ି ହୋଇଥିଲେ ।

# ପରିବାରର ଆର୍ଥିକ ସମସ୍ୟା ଓଗାଳିଲା ବାଟ: +୨ ରେ ନାମ ଲେଖାଇପାରିଲେ ନାହିଁ 'ତୁଳସୀ'



ଉଦଳା , ୧୯/୬ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ପ୍ରତାପ ଦେହୁରିଙ୍କ କନ୍ୟା 'ତୁଳସି' ମାଟ୍ରିକ ପାସ କରିବା ପରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ତୁଳସି ନିକଟରେ ଥିବା ଗୌଡ଼ଗାଁ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗତ ୨୦୨୩ରେ ମାଟ୍ରିକ ପାସ କରିଛନ୍ତି । ପରେ +୨ରେ ନାମ ଲେଖାଇବା ପାଇଁ ଯିବାରୁ ଆଡ଼ମିସନ ଫିସ ପ୍ରଦାନ କରିବା ପାଇଁ ତୁଳସିର ପରିବାରର ଲୋକେ ସକ୍ଷମ ହୋଇପାରିଲେ ନାହିଁ । ଫଳରେ ଆଜକୁ ଗୋଟିଏ ବର୍ଷ ହେବ ତୁଳସି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛି । ତୁଳସିଙ୍କୁ ବର୍ତମାନ ବୟସ ୧୬ ବର୍ଷ ଛୁଇଁଲା । ସେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଥିବାରୁ ମୟୂରଭଂଜ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି । ଏହି ବୟସର ପିଲାଙ୍କୁ ପାଠ ସହିତ ବାନ୍ଧି ନରଖିଲେ ବାଲ୍ୟ ବିବାହ ଜନିତ ବିପଦ ମାଡ଼ିଆସିବ ଏଥିରେ ସନ୍ଦେହ ନାହିଁ ବୋଲି ବହୁ ସ୍ୱେଚ୍ଛାସେବି ମତ ଦେଇଛନ୍ତି ।

# ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର



ଜଳେଶ୍ୱର , ୧୯/୬ (ନି.ପ୍ର): ଓଡିଶା ଏକ ଦୈବିଦୁର୍ବିପାକ ପ୍ରବଣ ରାଜ୍ୟ । ବର୍ଷାଦିନ ଆସିଲେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦିଏ । ଏହାର ମୁକାବିଲା ଲାଗି ବ୍ୟକ୍ତି ନୁହେଁ ଗୋଷ୍ଠିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲୋକମାନଙ୍କ ଭାଗିଦାରୀରେ ଏପରି ବିପଦକୁ ସମ୍ନା କରିବାଲାଗି ସରକାରଙ୍କ ପକ୍ଷରୁ ବ୍ଲକ ଓ ପଂଚାୟତ ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ଶିବିର ହୋଇ ଆସୁଛି । ଜଳେଶ୍ୱରବ୍ଲକ ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ଟେବୁଲଟପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗତ ମଂଗଳବାର ଅପରାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ବିଡିଓ ପୁନମ ରାଉତ ଅଧ୍ୟକ୍ଷତା କରିଥିଲେ । ଏଥିରେ ସମସ୍ତ ବିଭାଗର ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଶେଷ କରି ସ୍ୱାସ୍ଥ୍ୟ, ଦମକଳ, ପୁଲିସ୍, ସ୍ୱେଚ୍ଛାସେବୀ ସଂଗଠନ, ଯୋଗାଣ, ପୂର୍ତ୍ତ, ଗ୍ରାମ୍ୟଉନ୍ନୟନ, ଜଳସେଚନ, ଜଳ ନିଷ୍କାସନ, ଶିଶୁ ଓ ମହିଳା ବିଭାଗ ଇତ୍ୟାଦି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସିଡିପିଓ ଚମ୍ପାମଣି ମୁର୍ମୁ, ଜିପିଓ ମନିଶା ଚକ୍ରବର୍ତ୍ତୀ, ଏବିଡିଓ ମାୟାଧର ମଲ୍ଲିକ, ଅତିରିକ୍ତ ତହସିଲଦାର ଅମ୍ଲାନ ନାୟକ, ଡା. ମୋହନଲାଲ ମହାନ୍ତି, ପୁଲିସ୍ ଏସ୍ଆଇ ଚିରଞ୍ଜିବି ରାଉତ, ଦମକଳ ଅଫିସର ସବରଙ୍ଗ ସିଂ, ଲାଇଫ ସଂଗଠନର ମୁଖ୍ୟ ତ୍ରିଲୋଚନ ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନଇେଥିଲେ । ନଦୀକୂଳ ସ୍ଥାନ ଗୁଡିକର ସୁରକ୍ଷା, ବଷାପରେ ବିଭିନ୍ନ ଅଂଚଳରୁ ଜଳନିଷ୍କାସନ, ରାସ୍ତାର ମରାମତି, ବିଦ୍ୟାଳୟର ଅବସ୍ଥା, ବାତ୍ୟା ଆଶ୍ରୟସ୍ଥଳିରେ ବିପର୍ଯ୍ୟୟ ପ୍ରସମନ ହେବା ପର୍ଯ୍ୟନ୍ତ ପିଡିତଙ୍କ ରହଣୀ, ବ୍ଲକ ଓ ତହସିଲ ଅଧିନରେ ଥିବା ଲଞ୍ଚ ଓ ଡଙ୍ଗା ସଂପର୍କରେ ଆଲୋଚନା ହୋଇଥିଲା । ଚୁଡା, ଗୁଡ, ଚାଉଳ, ମହମବତୀ ମହଜୁଦ ସହିତ କେତେକ ଟିମ୍ ଗଠନର ସୂଚନା ଦିଆଯାଇଥିଲା । ଅଂଗନୱାଡି କର୍ମୀ, ଶିକ୍ଷକ ମାନଭ୍କ ମଧ୍ୟ ଏହି କାର୍ଯ୍ୟକ୍ରମରେ ସଂଶ୍ଲିଷ୍ଟ ନିଆଯିବାର ସିଦ୍ଧାନ୍ତ ନିଆଯାଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ରୋଗ ଦିବସ

କେନ୍ଦ୍ରାପଡ଼ା, ୧୯/୬ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ଠାରେ ଥିବା ତୁଳସୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ , ଜାତୀୟ ସେବା ଯୋଜନା ଓ ବାଳିକା ଆତ୍ମ ସୁରକ୍ଷା ବିଭାଗ ମିଳିତ ଆନୁକୁଲ୍ୟରେ ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ବିଶ୍ୱ ରକ୍ତ ଶିକୁଳି ରୋଗ ଦିବସ ପାଳିତ ହୋଇଯାଇଛି। ଜୁନ୍ ୧୯ ତାରିଖ ଠାରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ପନ୍ଦର ଦିନ ବ୍ୟାପୀ ହେବାକୁ ଥିବା ବିଶ୍ୱ ରକ୍ତ ଶିକୁଳି ରୋଗ ସଚେତନତା କାର୍ଯ୍ୟକ୍ରମକୁ ଅଧକ୍ଷ ପ୍ରଫେସର୍ ସାହୁ ମଧ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଜ୍ୟୋତ୍ସ୍ନାମୟୀ ପତି, ଯୁବ ରେଡ୍‌କ୍ରସ୍‌ର ବରିଷ୍ଠ ଉପଦେଷ୍ଟା ଡ଼ଃ ସୁଜାତା ଭଟ୍ଟ, ବାଳିକା ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ନୋଡାଲ୍ ଅଫିସର୍ ଅଧାପିକା ସୁରିତା ମିଶ୍ର, ସୌମ୍ୟକାନ୍ତି ମିତାଶ୍ରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ବନ୍ୟା ବେହେରା ଓ ପ୍ରଭାସିନି ଜେନା ମଂଚାସୀନ ହୋଇଥିଲେ।

# ଓଦା ଓ ଶୁଖିଲା ପ୍ରଣାଳୀରେ ଧାନଚାଷ ଲାଗି ସଚେତନତା

## ଭୂତଳ ଜଳର ବ୍ୟାପକ ବ୍ୟବହାର ନ ହେଉ : ଧାନ ଜମିରେ ପାଣି ଜମିଲେ ବଢିବ ମିଥେନ ଗ୍ୟାସ




ଜଳେଶ୍ୱର ୧୯/୬ (ନିପ୍ର) : ବାଲେଶ୍ୱର ଜିଲାରେ ଭୋଗରାଇ ଓ ଜଳେଶ୍ୱର ଅଂଚଳରେ ଖରାଦିନେ ବ୍ୟାପକ ରବିଧାନ ଚାଷ ହେଉଥିବାରୁ ଭୂତଳ ଜଳସ୍ତର କମିଯାଏ । ଫଳରେ ପିଇବାପାଣି ଏକ ସମସ୍ୟାଭାବେ ଦେଖାଦିଏ । ତେଣୁ ଧାନଚାଷରେ ସ୍ୱଳ୍ପ ପାଣି ବ୍ୟବହାର ଲାଗି ମିଟି ଲ୍ୟାବ ଓ ଈଶ୍ୱର ସଂଗଠନ ପକ୍ଷରୁ ୬୦ନଂ ଜାତୀୟ ରାଜପଥ କଡ ଖୁସି ପ୍ଲାଜା ପରିସରରେ ୪ଟି ବ୍ଲକର ଚାଷୀଙ୍କୁ ନେଇ ଓଦା ଓ ଶୁଖିଲା ପ୍ରଣାଳୀରେ ଧାନଚାଷ ଲାଗି ସଚେତନତା ଓ ପରାମର୍ଶ ଦେଇଛନ୍ତି ।

ଈଶ୍ୱର ସଂଗଠନର ସିଇଓ ପିଉସ ରଂଜନ ମିଶ୍ରଙ୍କ ସଭାପତିତ୍ୱରେ ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲିପ ଦାସ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଧାନଚାଷ ଲାଗି ବ୍ୟାପକ ଜଳର ବ୍ୟବହାର ହେଉଥିବା ବେଳେ ବୈଜ୍ଞାନକ ପଦ୍ଧତି ଅବଲମ୍ବନ କରି ଓଦା ଓ ଶୁଖିଲା ପ୍ରଣାଳୀରେ ଚାଷ କଲେ ଅଧିକ ଭୂତଳ ଜଳ ବ୍ୟବହାର ହେବନାହିଁ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଜିଲା କୃଷି ଅଧିକାରୀ ରାଜୀବ ଲୋଚନ ବେହେରା ୧କେଜି ଧାନ ଉତ୍ପାଦନ ଲାଗି ଏ ଅଂଚଳର ଚାଷୀ ୫ହଜାର ଲିଟର ପାଣି ବ୍ୟବହାର କରୁଥିବା ବେଳେ ବିଭିନ୍ନ ପଦ୍ଧତି ଅବଲମ୍ବନ କଲେ ୨୫୦୦ଲିଟର ପାଣି ଆବଶ୍ୟକ ହୋଇପାରିବ ବୋଲି କହିଥିଲେ । ରୋଇବା ଠାରୁ ଥୋଡ ହେବା ଓ ଶ୍ରୀ ପ୍ରଣାଳୀ ଓ ଏରୋବିକ୍ ଧାନଚାଷ ପଦ୍ଧିତ ଦ୍ୱାରା ଜଳର ପରିମାଣ କମିବା ସହିତ ଚାଷୀ ଉପକୃତ ହେବେ ଓ ଏଥିରୁ ନିର୍ଗତ ମିଥେନ ଗ୍ୟାସ ରୋକାଯାଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଜଳେଶ୍ୱର ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ ନାୟକ ଯୋଗଦେଇ ଜମିକୁ ପାଣି ମଡାଇବା ଓ ଶୁଖାଇବା ପଦ୍ଧତିରେ ଚାଷୀମାନେ ଅଭ୍ୟସ୍ତ ହେଲେ ମିଥେନଗ୍ୟାସ୍ ନିର୍ଗମନକୁ କମାଇ ଦିଆଯାଇପାରିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱାସ ସଂଗଠନର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପରିଡା, ଈଶ୍ୱର ସଂଗଠନର ନିର୍ଦ୍ଦେଷକ ମୁସ୍ତାକ ଖାଁ, ମିଟିଲ୍ୟାବ ସଂଗଠନର ମ୍ୟାନେଜର ବେଞ୍ଜାମିନ ମାଥୁର, ଇସାନ ଆଜମେରା, ସୁୟସ ମିଶ୍ର ଓ ସଂଯୋଜକ ଅନୁପ ବେହେରା ଉପସ୍ଥିତ ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନରେ ଜଳର ବ୍ୟବହାର, ଭୂତଳ ଜଳର ସଂରକ୍ଷଣ, ଚାଷ ପଦ୍ଧତି ପରିବର୍ତ୍ତନ ସଂପର୍କରେ ସଚେତନ କରାଇଥିଲେ । ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଅଂଚଳର ବହୁ ଚାଷୀ ଏଥିରେ ଭାଗ ନେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜିଠୁ ୪ ଘଣ୍ଟା...

ଫେରୁଥିଲେ ବି କେବେ କଟକଣା ସମ୍ପୂର୍ଣ୍ଣ ଉଠିବ ସେନେଇ ଲୋକଙ୍କ ମନରେ ନାନା ପ୍ରଶ୍ନ। ଗୋଷ୍ଠୀ ସଂଘର୍ଷକୁ ପ୍ରତିହତ ଉଦ୍ଦେଶ୍ୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରଶାସନ ଜାରି କରିଥିବା କର୍ଫ୍ୟୁ ପରର ଚିତ୍ର ଯାହା ମନେପକାଇ ଦେଉଛି କରୋନା ବେଳର କଥାକୁ। ଶୂନଶାନ ସହରରେ ଅତ୍ୟାବଶ୍ୟକ ସାମଗ୍ରୀ ନପାଇ କିଏ ହନ୍ତସନ୍ତ ତ ଆଉ କିଏ ଦି'ମୁଠା ଖାଇବାକୁ ନପାଇ କଲବଲ। ପ୍ରଶାସନର କର୍ଫ୍ୟୁ କଟକଣାକୁ ହେଲାଣି ୩ ଦିନ। ଆଉ କର୍ଫ୍ୟୁ ମାଡ଼ରେ ସାଧାରଣ ଜନତା ଏବେ ଏଭଳି ହୀନସ୍ତା ହେଉଛନ୍ତି। ଦୋକାନ ବଜାର, ରାସ୍ତାଘାଟ ସବୁ ବନ୍ଦ ଥିବାରୁ ଖାଇବାକୁ ପାଉଛନ୍ତି କି କୁଆଡ଼େ ଯାଇପାରୁଛନ୍ତି। ଶେଷରେ ବାଲେଶ୍ୱର ମେଡ଼ିକାଲ୍ ପରିସରରେ ଥିବା ୫ ଟଙ୍କିଆ ଆହାର କେନ୍ଦ୍ରରେ ଦି' ମୁଠା ଖାଦ୍ୟ ପାଇଁ ଗରମ ଗୁଳୁଗୁଳି ଭିତରେ ଧନ୍ଦି ହେଉଛନ୍ତି ସାଧାରଣ ଲୋକମାନେ। ଅପରପକ୍ଷେ ଇଣ୍ଟରନେଟ୍ ସେବା ବନ୍ଦ ଥିବାରୁ ଗତ ୩ ଦିନ ହେଲା ଅକଳରେ ପଡ଼ିଯାଇଛନ୍ତି ଛାତ୍ରଛାତ୍ରୀ ଓ ପରୀକ୍ଷାର୍ଥୀ। ଏ ହେଲେ ବାଲେଶ୍ୱର ସହରର ବିଜୟ ନାୟକ। ବ୍ୟାଙ୍କିଂ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଇଣ୍ଟରନେଟ୍ ନଥିବାରୁ ତାଙ୍କ ପରୀକ୍ଷା ପ୍ରସ୍ତୁତି ସମ୍ପୂର୍ଣ୍ଣ ପ୍ରଭାବିତ। ବିଜୟଙ୍କ ଭଳି ଅନଲାଇନରେ ପାଠପଢୁଥିବା ଓ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଅନେକ ଛାତ୍ରଛାତ୍ରୀ, ପରୀକ୍ଷାର୍ଥୀ ସମାନ ଦଶା ଭୋଗୁଛନ୍ତି। ଖାଲଇ ସେତିକି ନୁହେଁ କର୍ଫ୍ୟୁର ଫାଇଦା ନେଇ ବାଲେଶ୍ୱର ସହରରେ ଏବେ ସକ୍ରିୟ ହୋଇଛନ୍ତି ମୁନାଫାଖୋର୍ ବ୍ୟବସାୟୀ। ବଢ଼ାଇ ଚାଲିଛନ୍ତି ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ ଏନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଗତ ରବିବାର ସଂଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରେ ସେହିଦିନ ରାତିରେ ଏହା ଉଗ୍ରରୂପ ନେଇଥିଲା। ଏପରିକି ପୁଲିସ ଉପରକୁ ବି ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଥିଲା। ଏହା ପରଠାରୁ ଅନିର୍ଦ୍ଦିଷ୍ଟ କାଳ କର୍ଫ୍ୟୁ କବଳରେ ରହିଛି ସାରା ବାଲେଶ୍ୱର ସହର। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୩୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏବେ ବାଲେଶ୍ୱରରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା କହିଛନ୍ତି ଜିଲ୍ଲାପାଳ ଆଶିଷ ଠାକରେ। ମୁଖ୍ୟମନ୍ତ୍ରୀ ମଧ ପୁଲିସ ଡିଜି ଓ ମୁଖ୍ୟ ଶାସନ ସଚିବଙ୍କ ସହ ବାଲେଶ୍ୱର ସ୍ଥିତି ସଂପର୍କରେ ଆଲୋଚନା କରିଛନ୍ତି।

### ରତ୍ନଭଣ୍ଡାର ଖୋଲାଯିବା...

ସରକାର ସେନେଇ ନିଷ୍ପତ୍ତି ନେବେ। ସରକାର ଏ ସଂପର୍କରେ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ରହିଛନ୍ତି ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି। ଆଗାମୀ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବ ବୋଲି ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା ଇଏଓ ସୁପରିଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡି.ବି. ଗଡ଼ନାୟକ ସୂଚନା ଦେଇଥିଲେ। ସେ କହିଥିଲେ ଯେ କୋର୍ କମିଟି ଓ ଟେକ୍ନିକାଲ କମିଟିର ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବାକୁ ସ୍ଥିର ହୋଇଛି। ଯେହେତୁ ଗତ ନଭେମ୍ବରରେ ଲେଜର ସ୍କାନିଂ ରିପୋର୍ଟରେ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥରେ ଫାଟ ଥିବା ଜଣାପଡିଥିଲା, ତେଣୁ ଭଣ୍ଡାର ଘର ଭିତରେ ପାଣି ପଶୁଥିବା ଆଶଙ୍କା ସୃଷ୍ଟି ହୋଇଛି। ରତ୍ନଭଣ୍ଡାର ଖୋଲାଯାଇ ଅନୁଧ୍ୟାନ ପରେ ତା'ର ମରାମତି କରାଯିବ। ଏଏସଆଇ ସୁପରିଟେଣ୍ଟେଣ୍ଟଙ୍କ ଏ ସୂଚନା ପରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କରାଯାଇ ପାରିବ ବୋଲି ସମସ୍ତଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଏ ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଥିଲେ, ଆଗାମୀ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବାକୁ ପୂର୍ବ ସରକାର ଅମଳରେ ନିଷ୍ପତ୍ତି ହୋଇଥିଲା। ଏମିତିକି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ନେତୃତ୍ୱରେ ଏକ ୧୨ ଜଣିଆ କମିଟି ମଧ ଗଠନ ହୋଇସାରିଛି। ଉକ୍ତ କମିଟିର ଖୁବଶୀଘ୍ର ଆଉ ଥରେ ବୈଠକ ବସିବ, ସେଠୁ ଯାହା ପରାମର୍ଶ ଆସିବ ସେ ଅନୁଯାୟୀ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହାକୁ ନେଇ ବିଭିନ୍ନ ପ୍ରକାରର ଆକଳନ ଓ ଚର୍ଚ୍ଚା ଚାଲିଥିବା ବେଳଆ ଆଇନ ମନ୍ତ୍ରୀ ହରିଚନ୍ଦନଙ୍କ ବୟାନ ସବୁ କିଛି ଓଲଟପାଲଟ କରିଦେଇଛି। ଏବେ ଶ୍ରୀମନ୍ଦିର ରତ୍ନଭଣ୍ଡାର କେବେ ଖୋଲୁଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ପ୍ରଥମଥର ପାଇଁ ...

ତାଙ୍କୁ ଏଥର ହାରିବାକୁ ପଡ଼ିଥିଲା। ଫଳରେ ସେ ବିରୋଧୀ ଦଳ ନେତା ହୋଇଛନ୍ତି। ବିଜେଡି ବିଧାୟକ ଦଳର ନେତା ହେବା ପରେ ନୀବନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେମାନଙ୍କୁ କୃତଜ୍ଞତା ଓ ଶୁଭେଚ୍ଛା ମଧ ଜଣାଇଛନ୍ତି। ଏବେ ନବୀନ ବିଧାନସଭାରେ ବିରୋଧୀ ଦଳ ନେତା ଭୂମିକାରେ ରହିବେ। ସେହିପରି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳର ଉପ ନେତା ହୋଇଛନ୍ତି। ବିଜେଡି ସରକାରରେ ବିଧାନସଭାର ବାଚସ୍ପତି ଥିବା ବିଞ୍ଝାରପୁରର ବିଧାୟିକା ପ୍ରମିଳା ମଲ୍ଲିକ ବିରୋଧୀ ଦଳର ମୁଖ୍ୟ ସଚେତକ ଓ ଆଳି ବିଧାୟକ ପ୍ରତାପ ଦେବ ବିରୋଧୀ ଦଳ ଉପମୁଖ୍ୟ ସଚେତକ ହୋଇଛନ୍ତି।

### ସାର୍ବଜନୀନ ହେବ ରତ୍ନଭଣ୍ଡାର ...

ଉପସ୍ଥାପନ ହେବା କଥା। କିନ୍ତୁ ପୂର୍ବରୁ କ୍ଷମତାରେ ଥିବା ବିଜେଡି ସରକାର ଏହା ଉପରେ କୌଣସି ପ୍ରକାରର ପଦକ୍ଷେପ ନେଇ ନଥିଲେ। ତେଣୁ ରାଜ୍ୟବ୍ୟାପୀ ପ୍ରବଳ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଶେଷରେ ହାଇକୋର୍ଟରେ ମାମଲା ପହଞ୍ଚିଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ଦିଲୀପ ବରାଳ ଏନେଇ ହାଇକୋର୍ଟରେ ମାମଲା କରିଥିଲେ। ଗତ ଏପ୍ରିଲ ମାସ ୫ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଗୋଟିଏ ସତ୍ୟପାଠ ଦାଖଲ କରି କହିଥିଲା ଯେ ଖୁବଶୀଘ୍ର ନିର୍ବାଚନ ହେବାକୁ ଯାଉଛି ଓ ଜୁନ ମାସରେ ନୂଆ ସରକାର ଗଠନ ହେବ। ଏହାପରେ ନୂଆ ସରକାରର ପ୍ରଥମ କ୍ୟାବିନେଟ ବୈଠକରେ ରିପୋର୍ଟକୁ ଉପସ୍ଥାପନ କରି ସାର୍ବଜନୀନ କରାଯିବ। ସତ୍ୟପାଠ ଏପ୍ରିଲ ୫ରେ ଦାଖଲ କରାଯାଇଥିଲେ ହେଁ ଏଯାଏ ମାମଲାର ଶୁଣାଣି ହୋଇ ନଥିଲା। ଆଜି ପୁନଃ ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକ ଶେଷ ହୋଇଥିଲେ ହେଁ ସତ୍ୟପାଠ ଅନୁସାରେ ରିପୋର୍ଟ ସାର୍ବଜନୀନ କରାଯାଇ ନାହିଁ। ଏହାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଓକିଲଙ୍କୁ ଏନେଇ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସରକାରୀ ଓକିଲ କହିଛନ୍ତି ଯେ ଆଗାମୀ କ୍ୟାବିନେଟ ବୈଠକରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର କମିଶନ ରିପୋର୍ଟ ଉପସ୍ଥାପନ କରାଯିବ। ସରକାର ଦୁଇ ଥର ହାଇକୋର୍ଟଙ୍କୁ ରିପୋର୍ଟ ସାର୍ବଜନୀନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଆଗାମୀ ଦିନରେ କେଉଁ ପରିସ୍ଥିତିରେ ଚାବି ହଜିଥିଲା, ସେକଥା ପୂରା ରାଜ୍ୟବାସୀ ଜାଣିବାକୁ ସକ୍ଷମ ହେବେ। ରିପୋର୍ଟ ଆସିବା ପରେ ସମ୍ଭବତଃ ସରକାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି।

### ସୁରମା ପାଢ଼ୀ...

ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। କାହାକୁ ବାଚସ୍ପତି ପ୍ରାର୍ଥୀ କରାଯିବ ସେନେଇ ମାନସ ମନ୍ଥନ କରାଯାଇଥିଲା। ବିଜେପି ବିଧାୟକ ଦଳ ବୈଠକରେ ସୁରମା ପାଢ଼ୀଙ୍କୁ ବାଚସ୍ପତି ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିଲା। ଆସନ୍ତାକାଲି ବାଚସ୍ପତି ନିର୍ବାଚନ। ଆଜି ନାମାଙ୍କନ ଦାଖଲର ଶେଷ ଦିନ ଥିଲା। ନିର୍ଦ୍ଧାରିତ ସମୟ ଦିନ ୧୨ଟା ସୁଦ୍ଧା ସୁରମା ପାଢ଼ୀଙ୍କ ବ୍ୟତୀତ ଆଉ କେହି ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। କେହି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ସୁରମା ବାଚସ୍ପତି ହେବା ନିଶ୍ଚିତ ବୋଲି ଜଣାଯାଇଛି। ଆସନ୍ତାକାଲି ବାଚସ୍ପତି ଭାବେ ସୁରମା ପାଢ଼ୀଙ୍କ ନାଁ ଘୋଷଣା ହେବା ପାଇଁ ବାକି ରହିଛି। ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ସୁରମା ପାଢ଼ୀ ବାଚସ୍ପତି ରେସରେ ଥିଲେ। ତାଙ୍କ ନାଁ ଆଗରେ ରହିଥିଲା। ଆଜି ଦଳ ତାଙ୍କୁ ବାଚସ୍ପତି ପ୍ରାର୍ଥୀ ଭାବେ ମନୋନୀତ କରିଛି। ୨୦୨୪ରେ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହୋଇଥିଲେ ସୁରମା ପାଢ଼ୀ। ବିଜୁ ଜନତା ଦଳ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ୧୫,୫୪୪ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ଏଥିସହ ସୁରମା ୨୦୦୪ ରୁ ୨୦୦୯ ଯାଏ ବିଧାୟିକା ଥିଲେ। ବିଜେପି- ବିଜେଡି ମେଣ୍ଟ ସରକାରରେ ସମବାୟ ମନ୍ତ୍ରୀ ଥିଲେ।

### କ୍ୟାବିନେଟର ବଡ଼ ନିଷ୍ପତ୍ତି...

ନିଷ୍ପତ୍ତିରେ ଭାରତର ପ୍ରଥମ ସାମୁଦ୍ରିକ ପବନ ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହା ୧ ଜିଡବ୍ଲୁ ଅଫଶୋର ପବନ ପ୍ରକଳ୍ପ, ପ୍ରତ୍ୟେକ ୫୦୦ ମେଗାୱାଟ ଗୁଜୁରାଟ ଏବଂ ତାମିଲନାଡୁ ଉପକୂଳରେ ହେବ। ଏହା ଭାରତ ପାଇଁ ଏକ ବଡ଼ ସୁଯୋଗ ବୋଲି ବୈଷ୍ଣବ କହିଛନ୍ତି।

# କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ସିକିଲସେଲ ସଚେତନତା ଦିବସ ଅନୁଷ୍ଠିତ

ମାଲକାନଗିରି , ୧୯/୬ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ସିକିଲସେଲ ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ମହେଶ ପ୍ରସାଦ ପତି ଆନୁଷ୍ଠାନିକ ଭାବେ ସଭାପତିତ୍ୱ କରିଥିଲା ବେଳେ, ତହସିଲଦାର ଟୁକୁନୁ ପୁଙ୍ଗା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ,ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ଡଃ ପ୍ରଜ୍ଞା ପଟ୍ଟନାୟକ, ଏବିଇଓ ହେମନ୍ତ କୁମାର ନାୟକ,କୃପାସିନ୍ଧୁ ଆମ୍ବାଗୁଡିଆ,ପିଏଚଇଓ ମହେଶ୍ୱର ନାୟକ, ଏଲ୍ ଟି ପଦ୍ମ ଚରଣ ପଣ୍ଡା, ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି,ଶିଶୁ ବିଭାଗର ପରିଦର୍ଶିକା ଏମ୍ ଆଦିଲକ୍ଷ୍ମୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡଃ ପତି କହିଥିଲେ ଯେ ଯେହେତୁ ଏହା ଏକ, ରକ୍ତ ହୀନତା ଜନିତ ବଂଶାନୁକ୍ରମିକ ରୋଗ ଓ ଏହି ରୋଗ ହେଲେ ରୋଗୀର ରକ୍ତରେ ହିମୋଗ୍ଲୋବିନ ପରିମାଣ କମିଯାଇଥାଏ ଏବଂ ଫଳ ସ୍ୱରୂପ ଦେହ ହାତ ଘୋଳିହୋଇ ବିନ୍ଧା ଛିଟିକା ହେବା ସାଙ୍ଗକୁ ରୋଗୀ ଧଇଁ ସଇଁ ହେବା ସହ ନାନା ଯନ୍ତ୍ରଣା ଅନୁଭବ କରିଥାଏ। ଏହାର ନିରାକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିବାବେଳେ ରୋଗୀକୁ କେବଳ ଫୋଲିକ୍ ଏସିଡ ବଟିକା ସେବନ କରିବାକୁ ପରାମର୍ଶ ଦେବା ସହିତ, ସମୟାନୁସାରେ ନୂତନ ରକ୍ତ ନେବାକୁ ଓ ପୁଷ୍ଟିସାର ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିରରେ ପାଖାପାଖି ୧୫୦ ରୁ ଉର୍ଦ୍ଧ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ।

ଗୁରୁବାର, ଜୁନ୍ ୨୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୀଳଗିରି ସହରରେ ନୂତନ ଟିଭିଏସ୍ ଶୋରୁମର ଶୁଭାରମ୍ଭ

ନୀଳଗିରି, ୧୯/୬ (ନି.ପ୍ର): ଆଜି ନୀଳଗିରି ସହରର କଦମସାହି ଠାରେ ନୂତନ କରି ବାଇକ କମ୍ପାନୀ ଟିଭିଏସ୍‌ର ଏକ ଶୋରୁମ ର ଶୁଭାରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ଭୂଖଣ୍ଡର ସିଟି ଏବଂ ଜିଏସ୍‌ଟି ଯୁଗ୍ମ ସଚିବ (ଜଏଣ୍ଟ କମିଶନର)ଶ୍ରୀଯୁକ୍ତ କରୁଣାକର ଦାସ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଶୋରୁମ ର ଶୁଭାରମ୍ଭ କରିଥିଲେ । ତାଙ୍କ ସହିତ ଶୋ ରୁମ ମାଲିକ ଦିବ୍ୟ ପ୍ରିୟଦର୍ଶିନୀ ସିଂହ, ସତ୍ୟରଞ୍ଜନ ପୁଥାଳ, ଟିଭିଏସ୍ କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ଦୀପକ କୁମାର ମହାପାତ୍ର, ଟେରିଟୋରୀ ମ୍ୟାନେଜର ଶ୍ରୀ ଚନ୍ଦ୍ର ମୋହନ,ଉକ୍ତ କମ୍ପାନୀର ଜଳେଶ୍ୱରର ଅଧିକୃତ ବିକ୍ରେତା ଗଫର୍ ଅଲି ଖାଁ, ଏରିଆ ସର୍ଭିସ ମ୍ୟାନେଜର ଶୁଭଦୀପ ଗାଙ୍ଗୁଲି , ଟେରିଟୋରୀ ସର୍ଭିସ ମ୍ୟାନେଜର ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ବାଇକ ମଡେଲ ଭିତରେ ୨୨୫ସିସି ବର୍ଗର (ରନ୍ ଇନ୍) ଆପାଚେ ଠାରୁ ଆରମ୍ଭକରି ୨୦୦, ୧୬୦, ୧୨୫ ଓ ୧୧୦ ସିସି ବର୍ଗ ପର୍ଯ୍ୟନ୍ତ ସ୍ପୋର୍ଟ୍ସ ସିଟି ରେଡ଼ିଅନ ଉପଲବ୍ଧ ଥିବା ବେଳେ, ସ୍କୁଟି ବର୍ଗର ଜୁପିଟର ୧୨୫, ଏଣ୍ଟରକ୍ୟୁ ୧୧୦ ସିସି, ଏବଂ ମୋପେଡ଼ ରେ ଟିଭିଏସ ଏକ୍ସଏଲ ସୁପର ୧୧୦ସିସି ବାଇକ ଉପଲବ୍ଧ ଅଛି । ଗାଡ଼ିର ମୁଖ୍ୟ ଆକର୍ଷଣୀୟ ଫିଚର୍ସ ଭିତରେ ୪୦ ରୁ ଆରମ୍ଭ ହୋଇ ୮୫ ମାଇଲେଜ କ୍ଷମତା ସମ୍ପନ୍ନ ଗାଡିକୁ ଅତି ସହଜ କିସ୍ତିରେ ସର୍ବନିମ୍ନ ସୁଧ ହାରରେ,ଋଣ ଆକାରରେ ଏବଂ ବିଭିନ୍ନ ଆକର୍ଷଣୀୟ ଅଫର ମଧ୍ୟ ଉପଲବ୍ଧ ଅଛି ।



# ମହନ୍ତ ମନ୍ଦିରରେ ନିର୍ବାହୀ ଅଧିକାରୀ ପଦବୀ ଫାଙ୍କା: ତିନିବର୍ଷ ପରେ ବି ହେଉନି ନିଯୁକ୍ତି

ନୀଳଗିରି, ୧୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରସିଦ୍ଧ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରାଜାଙ୍କ ରାଜୁତି ସମୟରେ ସେତେବେଳର ଅଧିଷ୍ଠିତ ରାଜା କିଶୋର ଚନ୍ଦ୍ର ମର୍ଦରାଜ ହରିଚନ୍ଦନ ନୀଳଗିରି ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଦେବାଦ୍ୱୀଙ୍କ ମନ୍ଦିର, ମଠ ସ୍ଥାପନ କରିଥିଲେ । ଏବେ ଏସବୁ ସ୍ଥାନ ପର୍ଯ୍ୟଟନ ସ୍ଥଳୀ ପାଲଟିଛି । ରାଜା ଶାସନର ଅନ୍ତପରେ ଗଣତନ୍ତ୍ର ଶାସନରେ ଏସମସ୍ତ ଦେବା ଦ୍ୱୀ ପୀଠର ରକ୍ଷଣା ବେକ୍ଷଣ ଦାଇତ୍ୱ ଭାର ଓଡିଶା ଦେବତ୍ତୋର ବିଭାଗ ଉପରେ ନ୍ୟସ୍ତ ଅଛି । ମନ୍ଦିର, ମଠର ପୁନଃରୁଦ୍ଧାର, ଉନ୍ନତି, ରେ ଦ୍ୱେତ୍ତର ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମନ୍ଦିରର ସୁରକ୍ଷା ପାଇଁ ନୂତନ ବୋର୍ଡ ଗଠନ ଠାରୁ ଆରମ୍ଭ କରି



ଅନୁଦାନ ପର୍ଯ୍ୟନ୍ତ ଉକ୍ତ ବିଭାଗର ତତ୍ତ୍ୱାବଧାନ ରେ ସାଧିତ ହେଉଥିଲା ବେଳେ ନୀଳଗିରି ମହନ୍ତ ମନ୍ଦିର (ମଠ)କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବର୍ଷବର୍ଷ ଧରି ପୁରୁଣା ବୋର୍ଡ଼ ଚାଲୁ ରହିଥିବା ବେଳେ ନୂତମ ବୋର୍ଡ଼ ଗଠନ ହୋଇ ପାରୁନାହିଁ କି ନୂଆ ଅଧିକାରୀ ଙ୍କ ଯୋଗଦାନ ହୋଇପାରୁନାହିଁ । ଫଳରେ ବର୍ଷବର୍ଷ ଧରି ନିର୍ବାହୀ ଅଧିକାରୀଙ୍କ ପଦବୀ ଫାଙ୍କା ପଡ଼ିରହିଛି । ଏଥିରେ ମନ୍ଦିରର ରକ୍ଷଣା ବେକ୍ଷଣ, ଠାକୁରଙ୍କ ନୀତି କାନ୍ତି ଠାରୁ ଆରମ୍ଭ କରି ଆୟବ୍ୟୟ ର ହିସାବରେ ଅନିୟମିତତା ଦେଖିବାକୁ ମିଳିଛି । ଚଳିତ ରଥଯାତ୍ରା କୁ ଦୃଷ୍ଟିରେ ରଖି ତୁରନ୍ତ ନିର୍ବାହୀ ଅଧିକାରୀଙ୍କ ପଦବୀ ପୂରଣ ପାଇଁ ସାଧାରଣ ରେ ଦାବି ହେଉଛି ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କାର୍ଯ୍ୟାଳୟ ପରିସରରେ ରଜପର୍ବ ପାଳିତ



ପାରାଦୀପ, ୧୯/୬ (ନି.ପ୍ର): ପାରାଦୀପ ମଧୁବନ ସ୍ଥିତ ଜେଏସଡବ୍ଲୁ କାର୍ଯ୍ୟାଳୟ ପରିସରରେ ଓଡିଶାର ପାରମ୍ପାରିକ ରଜପର୍ବ ପାଳିତ ହେଇଯାଇଛି । ତିନିଦିନ ଧରି ଏହି ରଜପର୍ବକୁ ଆନନ୍ଦ ଓ ଉତ୍ସହର ସହ କମ୍ପାନୀର ଝିଅ ଓ ମହିଳା କର୍ମଚାରୀ ମାନେ ପ୍ରସ୍ତାବିତ ଅଞ୍ଚଳ ନୂଆଗାଁରେ ପାଳନ କରିଥିଲା ବେଳେ ପାରାଦ୍ୱୀପରେ ଶେଷ ଦିନ ସମସ୍ତ ମହିଳା କର୍ମଚାରୀ ଓ ଅତିଥି ଭବନରେ ରହୁଥିବା ଲେଡିଜ କ୍ଲବର କର୍ମକର୍ତ୍ତା ମାନେ ମିଳିମିଶି ପାଳନ କରିଥିଲେ । ଓଡ଼ିଆ ପରମ୍ପରା ଅନୁସାରେ ପୋଡ଼ ପିଠା ଖାଇବାର ସ୍ୱାଦ ନେଇଥିଲେ । ଏହି ତିନି ଦିନ ସମସ୍ତେ ହସ ଖୁସିରେ ଦୋଳିରେ ଝୁଲିବା ସହିତ ଲୁଡୁ ଓ ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା ଭାଗ ନେଇଥିଲେ । ଶେଷ ଦିନ ଅତିଥି ଭବନରେ ଏକ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଲେଡିଜ କ୍ଲବ ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଜ୍ୟୋତିର୍ମୟୀ କଳ୍ପନା ଓ ସୁଲୋଚନା ଜେନା ପ୍ରମୁଖ ସହ ଅନ୍ୟ ମାନେ ଏହାକୁ ପରିଚାଳନା କରିଥିଲେ ।

## ଶେରଗଡ଼ ଗ୍ରାଃପ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

ନୀଳଗିରି, ୧୯/୬ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ନବ ନିର୍ବାଚିତ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କୁ ରବିବାର ସକାଳେ ନୀଳଗିରି ସ୍ଥିତ ଗୋପୀନାଥପୁର ବାସଭବନରେ ରେମୁଣା ବ୍ଲକ ଅନ୍ତର୍ଗତ ଶେରଗଡ଼ ପଞ୍ଚାୟତର କିଛି ବରିଷ୍ଠ ନେତୃବର୍ଗ ସୌଜନ୍ୟ ମୂଳକ ସାକ୍ଷାତକାର କରିବା ସହିତ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏଥିସହିତ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଅଭିଯୋଗ ପରେ ଯଥା ସମ୍ଭବ ସମସ୍ୟାର ସମାଧାନ କରିବା ପାଇଁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ପ୍ରତିଶୃତି ଦେଇଥିଲେ । ଏହି ପ୍ରତିନିଧି ମାନଙ୍କ ମଧ୍ୟରେ ସୋମନାଥ ରାଉତ, ମାୟାଧର ରାଉତ, ରଘୁନାଥ ପରିଡା, ମଞ୍ଜୁଳା ପଣ୍ଡା, ସୁକାନ୍ତି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତିଭା ପୂଜନ ଅନୁଷ୍ଠାନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବଡ଼ସାହି , ୧୯/୬ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବେତନଟୀ ରେଳ ଷ୍ଟେସନ ପରିସରରେ ସନ୍ଧ୍ୟାରେ 'ପ୍ରତିଭା ପୂଜନ ଅନୁଷ୍ଠାନ, ବେତନଟୀ' ର ତୃତୀୟ ପ୍ରତିଭା ସମ୍ମାନ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠାନର ମୁଖ୍ୟଟ୍ରଷ୍ଟି ତଥା ସଭାପତି ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଉକ୍ତ ବୈଠକରେ ପ୍ରତ୍ୟେକ ବର୍ଷ ଭଳି ଆଗାମୀ ଗୁରୁ/ ବ୍ୟାସ ପୂର୍ଣ୍ଣମୀ ୨୧ ତାରିଖ ରବିବାରରେ ଏହା ଅନୁଷ୍ଠିତ ହୋଇ ବିଭିନ୍ନ ଦିଗରେ ପାରଦର୍ଶିତା ଲାଭ କରିଥିବା ୨୧ଜଣଙ୍କୁ ସମ୍ମାନିତ କରାଯିବାର ସିଦ୍ଧାନ୍ତ ଗ୍ରହଣ ଓ ପ୍ରତିଭା ଚୟନ କରାଗଲା । ତନ୍ମଧ୍ୟରେ ଶିଶୁ କଳାକାର ମଧ୍ୟ ଅନ୍ତର୍ଭୁକ୍ତ। ବିଭିନ୍ନ ଜିଲ୍ଲାରୁ ଏବଂ ବିଭିନ୍ନ ବିଭାଗରୁ କୃତିବିଦ ପ୍ରତିଭା ଚୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟତମ ଟ୍ରଷ୍ଟି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବାସୁଦେବ ନାପିତ,ରବିନ୍ଦ୍ର ନାଥ ଖଟୁଆଙ୍କ ସହ ସଦସ୍ୟ ଅରୁଣ କୁମାର ଓତ ।,ଚୂଡାମଣି ମହାପାତ୍ର, ଡଃ ରମାକାନ୍ତ ମହାନ୍ତ,ହରେନ୍ଦ୍ର ନାଥ ବାରିକ,ରବିନ୍ଦ୍ର ପ୍ରଧାନ, ଶ୍ରୀକୃଷ୍ଣ ମହାନ୍ତ, ରତିକାନ୍ତ ବେହେରା ଆଦି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣକରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର, ଜଗନ୍ନାଥ ରାଜ ଆଦି ସହଯୋଗ କରିଥିଲେ । ସଦସ୍ୟ ବିଜୟ କୁମାର ଦ୍ୱିବେଦୀ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସହାୟତାରେ ନିଖୋଜ ନାବାଳିକାକୁ ପରିବାରକୁ ହସ୍ତାନ୍ତର

ଭଦ୍ରକ, ୧୯/୬ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ମିସିଂ ଚିଲ୍‌ଡ୍ରେନ୍ ଉପରେ କାର୍ଯ୍ୟରତ ପି.ଏଲ୍.ଭି. ଶକୁନ୍ତଳା ପାତ୍ର ଓ ସନ୍ତୋଷ କୁମାର ସ୍ୱାଇଁ ଭଦ୍ରକ ଟାଉନ୍‌ଥାନାର କାର୍ଯ୍ୟରତ ଅଧିକାରୀ ଶକାନୁପତିଙ୍କ ଉପସ୍ଥିତିରେ ଝିଅଟିର ପିତାମାତାଙ୍କୁ ହସ୍ତାନ୍ତର କରାଗଲା । ତା ୧୦.୮.୨୦୨୩ରିଖରେ ନାବାଳିକା ଝିଅ ମାନସୀ ମଲ୍ଲିକ, ବୟସ ୧୬ବର୍ଷ ଘରୁ ନିଖୋଜ ଥିଲେ । ବାଙ୍ଗାଲୋରରୁ ତାଙ୍କୁ ଉଦ୍ଧାର କରି ପିତା ଶ୍ରୀକାନ୍ତ ମଲ୍ଲିକ ଅପର୍ତ୍ତିବିନ୍ଧା ଭଦ୍ରକ ଙ୍କୁ ହସ୍ତାନ୍ତର କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ମିସିଂ ଚିଲ୍‌ଡ୍ରେନ୍ ଉପରେ କାର୍ଯ୍ୟରତ ଦୁଇ ପି.ଏଲ୍.ଭିଙ୍କ ଉପସ୍ଥିତିରେ ଝିଅଟିର ସମସ୍ତ ବୟାନ ନିଆଯାଇ ତାର ବାପା ମାଆଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ଠାକୁର କେଶବ ଚନ୍ଦ୍ରଙ୍କ ଉପାସନା ସ୍ଥଳିର ନବୀକରଣ ତଥା ପ୍ରାଚୀର ନିର୍ମାଣ



ବାରିପଦା , ୧୯/୬ (ନି.ପ୍ର): ସ୍ଥାନୀୟ ୧ ନଂ ୱାର୍ଡ ସ୍ଥିତ ଠାକୁର କେଶବ ଚନ୍ଦ୍ରଙ୍କ ଉପାସନା ସ୍ଥଳୀର ନବୀକରଣ ହେବା ସହ ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଙ୍କ ହାତରେ ଉଦଘାଟିତ ହୋଇଯାଇଛି ଓ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପ ନଗରପାଳ ସୀମା ଦାସ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ପୂର୍ବତନ କାଉନସିଲର ଦର୍ପ ନାରାୟଣ ପାଲ, ସନ୍ତୋଷ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ମନମୋହନ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଦେବ ସ୍ୱାଇଁ, ରମାଜିନ ସାମଲଙ୍କ ସମେତ ମନ୍ଦିର ପରିଚାଳନା କମିଟିର ପ୍ରଦୀପ୍ତ କୁମାର ବେହେରା, ଅରବିନ୍ଦ ଜ୍ୟୋତିଷ, ବାସୁଦେବ ମହାପାତ୍ର ତଥା ସମସ୍ତ ଗୁରୁ ଭାଇ ଓ ଭଉଣୀ ଉପସ୍ଥିତ ଥିଲେ ଓ କ୍ଷୀରୋଦ ଭୂୟାଁ, ଭଗବତୀ ଭୂୟାଁ, ପ୍ରହଲ୍ଲାଦ ନାୟକ, ସୁଶାନ୍ତ ପ୍ରଧାନ, ସୁକାନ୍ତି ପରିଡା, ବିଧୁଭୂଷଣ ପରିଡା, ଗୀତାଞ୍ଜଳି ସିଂହ, ନିବେଦିତା ବେହେରା, ରବି ବେହେରା, ଦୀପକ ମିଶ୍ର ଓ ଅମର କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

## ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୯/୬ (ନି.ପ୍ର): କେନ୍ଦ୍ରାପଡା ର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବଳଦେବ ସେନା ତରଫରୁ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା । ଜିଲ୍ଲା ଏବଂ ଜିଲ୍ଲା ବାହାରୁ ରଥଯାତ୍ରା ରେ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ସୂଚନା କେନ୍ଦ୍ର ଓ ଅନ୍ୟାନ୍ୟ ସେବା କିଭଳି ଯୋଗାଇ ଦିଆଯିବ ସେ ସଂପର୍କରେ ଆଲୋଚନା କରାଯାଇ ଥିଲା । ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ବଳଦେବ ସେନା ସଂପୂର୍ଣ୍ଣ ସହଯୋଗ କରିବ ବୋଲି ଜଣାପଡିଛି । ବଳଦେବ ସେନା ପକ୍ଷରୁ ୫୦୦ ବୃକ୍ଷ ବଂଟନ ଓ ବାହୁଡା ଯାତ୍ରାରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପବିତ୍ର ପଂଚୁବନୀ ବିତରଣ କରିବାକୁ ଧାର୍ଯ୍ୟ ହୋଇଛି । ଭିଡର ସୁଯୋଗ ନେଇ କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ନହେଉ ସେଥିପ୍ରତି ଅନୁଷ୍ଠାନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି । ଆୟୋଜିତ ଏହି ବୈଠକରେ ସଭାପତି ପୁପୁନ କୁମାର ସ୍ୱାଇଁ, ଉପ ସଭାପତି ନିରଞ୍ଜନ ସୁଆର, ଅମର କୁମାର ବାରିକ, ନିରଞ୍ଜନ ମେକାପ, ଜ୍ୟୋତି ରଂଜନ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁଙ୍କର ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା, ୧୯/୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହା ଯାଉଥିବା ବାରିପଦା ସହରରେ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁଙ୍କର ଚଳିତ ବର୍ଷ ରଥ ଯାତ୍ରା ପାଇଁ ବାରିପଦା ଉପଖଣ୍ଡ ତଥା ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ ପ୍ରାକ-ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର ଆଧକ୍ଷତା କରିଥିବା ବେଳେ, ମୟୂରଭଞ୍ଜ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମାଶଙ୍କର ମହାରଣା ପ୍ରମୁଖ ବିଶେଷ ଅତିଥି ବୃନ୍ଦ ଭାବେ ଯୋଗଦାନ କରିଥିଲେ। ଏହି ବୈଠକକୁ ଉପଜିଲ୍ଲାପାଳ, ବାରିପଦା ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଶ୍ରୀ ଶ୍ରୀ ହାରିବଳଦେବଜୀଉ ମହାପ୍ରଭୁ



ମନ୍ଦିରର ସମସ୍ତ ସେବାୟତଗଣ, ପରିଚ୍ଛା ସେବକ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ, ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହର୍ଷୋଲ୍ଲାସରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡ଼ପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବା ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା ।ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ତତ୍ସହିତ ଉପଜିଲ୍ଲାପାଳ ଶ୍ରୀ ନାଏକ ଆସନ୍ତା ୦୬ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବାବଦରେ ପ୍ରଶାସନିକ ପଦକ୍ଷେପମାନ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ କେଉଁ ବିଭାଗ କେଉଁ କାର୍ଯ୍ୟ କରିବେ ଏବଂ ରଥ ଯାତ୍ରା ସମୟରେ ସମସ୍ତ ଦାୟିତ୍ୱକୁ ନିଖୁଣ ଭାବରେ ଜନସାଧାରଣଙ୍କ ଅବଗତି ଓ ସୁବିଧା ନିମନ୍ତେ କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଆବଣ୍ଟନ କରାଯାଇଥିଲା। ସୂଚନା କେନ୍ଦ୍ର ବ୍ୟବସ୍ଥା, ପାନୀୟଜଳ, ଶାନ୍ତିଶୃଙ୍ଖଳା ବଜାୟରଖିବା, ବଡଦାଣ୍ଡ ମରାମତି, ରାସ୍ତା ବୈଦ୍ୟୁତିକରଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ, ଯାନବାହାନ ରକ୍ଷଣାବେକ୍ଷଣ, ଅସ୍ଥାୟୀ ଦୋକାନ, ରଥଯାତ୍ରା ଧାରାବିବରଣୀ, ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ସୂଚନା ଥାଉକି, ପ୍ରତିବର୍ଷ ଠାରୁ ଚଳିତ ବର୍ଷ ଅଧିକ ଜନଆଦରିକୃତ ରଥଯାତ୍ରା ପାଇଁ ପ୍ରଶାସନ ଚେଷ୍ଟିତ ଏବଂ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏହି ବୈଠକରେ ମତ ପ୍ରକାଶ କରାଯାଇଥିଲା। ଏହି ବୈଠକରେ ସମସ୍ତ ଲାଇନ ବିଭାଗରେ ଥିବା ସରକାରୀ ଅଧିକାରୀ ଏବଂ ମନ୍ଦିର ପ୍ରଶାସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାର ସୂଚନାପ୍ରାପ୍ତ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସାମୂହିକ ଅଭ୍ୟାସ

ବଡ଼ସାହି, ୧୯/୬ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟୋଳିପୁରା ଗ୍ରାମପଞ୍ଚାୟତ ଅଧିନସ୍ଥ ବେଲାଣପୁର୍ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନା ଓ ସାମୂହିକ ଅଭ୍ୟାସ କାର୍ଯକ୍ରମ ଜିଲ୍ଲାପ୍ରଶାସନ, ଆଶ୍ରୟସ୍ଥଳୀ ପରିଚାଳନା କମିଟି ଓ ଫୋର୍ଡ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି । କମିଟିର ସମ୍ପାଦକ ତିଲେକେଶ୍ୱର ଦୁର୍ଗା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାକା ଉଦଘାଟନ କରିଥିଲେ। ମୁଖ୍ୟ ଅତଥିଭାବେ ସୁନିଲ୍ କୁମାର୍ ସାହୁ ସାଧାରଣ ପରିଚାଳକ ଓସଡମା ଭୁବନେଶ୍ୱର, ମୁଖ୍ୟବକ୍ତା - ଶ୍ରଦ୍ଧା ସୁମନ - ଉପଜିଲ୍ଲାପାଳ ତଥା ଜରୁରୀ କାଳୀନ ଅଧିକାରିଣୀ ସମ୍ମାନୀୟ ଅତିଥି - ରବୀନ୍ଦ୍ର କୁମାର ସେଠୀ




ଅଗ୍ନିଶମ ବିଭାଗ ଅଧିକାରୀ ପାର୍ବତୀ ମୁର୍ମୁ ସି.ଡି.ପି.ଓ ମମତା ନାୟକ ସରପଞ୍ଚ, ମମତା ଗୋଛାୟତ, ପଞ୍ଚାୟତସମିତି ସଭ୍ୟ , ସବିତା ଦାଶ - ଜିଲ୍ଲାପରିଷଦର ସଦସ୍ୟା , ଜଗବନ୍ଧୁ ମହାନ୍ତି - ଜିଲ୍ଲାପ୍ରକଳ୍ପ ଅଧିକାରୀ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ର ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ କିଭଳି ମୁକାବିଲା କରାଯାଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଅତିଥି ବୃନ୍ଦ ଆଲୋଚନା କରିଥିଲେ । ଅଗ୍ନିଶମ ବିଭାଗ ଦ୍ୱାରା ନିଜେ ତଥା ଅନ୍ୟକୁ କିଭଳି ରକ୍ଷା କରାଯାଇପାରିବ ସେ ବିଷୟରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଯାଇଥିଲା । ଏଭଳି କାର୍ଯ୍ୟକ୍ରମ ବର୍ଷରେ ଦୁଇତିନିଥର କରାଯିବ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଜନ ସାଧାରଣ ଅନୁରୋଧ କରିଥିଲେ । ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ କଲେଜର ଛାତ୍ର ଛାତ୍ରୀ , ଅଙ୍ଗନୱାଡ଼ି କର୍ମୀ , ଯୁବସମାଜ , ସାଧାରଣ ଜନତା , ଆଶା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋବିନ୍ଦଚନ୍ଦ୍ର ଦୁର୍ଗା , ପ୍ରିତମ ଖଣ୍ଡା , ପଙ୍କଜ ପାଲ , କବିତା ଘଡେଇ , ମିଳନ କୁମାର ଖଣ୍ଡା , ପ୍ରିତିପ୍ରଜ୍ଞା ସାମଲ , କିରଣ କୁମାର ଖଣ୍ଡା, ରୂପା ନାୟକ , ଚନ୍ଦନ ମାହାର୍ଣ୍ଣ। , ବୁଧିଆ ସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଦିବାସୀ ମାନ୍ୟତା ଦାବିରେ କୁଡୁମୀ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମୟୂରଭଂଜ, ୧୯/୬ (ନି.ପ୍ର): କୁଡୁମୀ ସେନା ପକ୍ଷ ରୁ କୁଡୁମୀ ଜାତି କୁ ଆଦିବାସୀ ବର୍ଗ ରେ ପୁନଃ ସାମିଲ କରିବା ପାଇଁ ଏକ ଦଶନ୍ଧୀ ରୁ ଉର୍ଦ୍ଧ ହେବ ଆନ୍ଦୋଳନ ଜାରି ରହିଛି ତେଣୁ ଏବେ ଏହି ଦାବି କୁ ପୂରଣ କରିବା ପାଇଁ ମୟୁରଭଂଜ ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକର ଙ୍କ ଜରିଆ ରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ପ୍ରଦାନ କରାଗଲା । କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଙ୍କ ନେତୃତ୍ୱ ରେ ସାଇରାମ ମହାନ୍ତ, ବିଶ୍ୱନାଥ ମହାନ୍ତ,ବିରେନ୍ଦ୍ର ମହାନ୍ତ, ଘନ ମହାନ୍ତ, କ୍ଷୀରୋଦ ମହାନ୍ତ, ଶିବାଜୀ ମହାନ୍ତ, ବୁଲୁ ମହାନ୍ତ,ନୁକୁ



ମହାନ୍ତ, ବାବୁ ମହାନ୍ତ, ଲିଟୁ ମହାନ୍ତ ଓ ମହିଳା ସେନା ର ସୁଜାତା ମହାନ୍ତ, ଅଞ୍ଜଳୀ ମହାନ୍ତ,କବିତା ମହାନ୍ତ, ଝୁନି ମହାନ୍ତ, ବୀଣାପାଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । କୁଡୁମୀ ସେନା ସଭାପତି ଜୈମୁନି କୁମାର ମହାନ୍ତ ଙ୍କ ଆହ୍ୱାନ କ୍ରମେ ଓଡିଶା ର କୁଡୁମୀ ବହୁଳ ବିଭିନ୍ନ ଜିଲ୍ଲା ତଥା ମୟୂରଭଂଜ ର ସବୁ ସବ୍ ଡିଭିଜନ ରେ ମଧ୍ୟ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକଡ୍ରିଲ

ଜୟପୁର, ୧୯/୬ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ବନ୍ୟା ଆଶ୍ରୟ ସ୍ଥଳ ଠାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକଡ୍ରିଲ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ଜିପିଓ ଭାଗିରଥି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ବନ୍ୟା ଆଶ୍ରୟ ସ୍ଥଳୀ ସ୍ତରୀୟ ସାମୁହିକ ଅଭ୍ୟାସ ମକଡିଲ କରାଯାଇଛି। ଅଚାନକ ଯଦି ଅଗ୍ନିକାଣ୍ଡ ଘଟିଲେ କିପରି ମୁକାବିଲା କରାଯାଇ ପାରିବ ବନ୍ୟା ଆସିଲେ ଲୋକଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ସେ ନେଇ ଫାୟାର, ଓଡ୍ରାଫ, ପୋଲିସ ମିଳିତ ଭାବେ ତାଲିମ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo